ଓଡ଼ିଶାର କୃତୀ ଆଦିବାସୀ ସନ୍ତାନ - ୫

ବିପ୍ଳବୀ ଧରଣୀଧର

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

କଲ୍ୟାଣ ବିଭାଗ

ଭୁବନେଶ୍ୱର

ବିପ୍ଳବୀ ଧରଣୀଧର

ପ୍ରଫେସର ଜଗନ୍ନାଥ ପଟ୍ଟନାୟକ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
କଲ୍ୟାଣ ବିଭାଗ
ଭୁବନେଶ୍ୱର

Biplabi Dharanidhar

Writer :

Prof. Jagannath Patnaik

Publisher :

Academy of Tribal Dialects & Culture
Welfare Department
Adivasi Exhibition Ground
Unit-1, Bhubaneswar-751009
1996

Price : Twelve Rupees

Printed at :

Shovan
Bhubaneswar

ମୁଖବନ୍ଧ

ଓଡିଶାର କୃତୀ ଆଦିବାସୀ ସନ୍ତାନମାନଙ୍କ ସମ୍ବନ୍ଧରେ ଜନସାଧାରଣଙ୍କୁ ପରିଚିତ କରାଇବା ଉଦ୍ଦେଶ୍ୟରେ ସେମାନଙ୍କର ଜୀବନୀ ଓ କାର୍ଯ୍ୟକଳାପର ସୂଚନା ସମ୍ବଳିତ ପୁସ୍ତିକାମାଳା ପ୍ରକାଶନ ନିମନ୍ତେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ପରିକଳ୍ପନା କରାଯାଇଛି । ସେହି ଉଦ୍ୟମର ଗୋଟିଏ ଅବଦାନ ବିପ୍ଲବୀ ଧରଣୀଧରଙ୍କ ସମ୍ବନ୍ଧରେ ଏହି ପୁସ୍ତିକା ।

ବିଶିଷ୍ଟ ଐତିହାସିକ ପ୍ରଫେସର ଜଗନ୍ନାଥ ପଟ୍ଟନାୟକ ଭୂୟାଁ ସଂପ୍ରଦାୟର ଅନ୍ୟତମ ମହାପୁରୁଷ ବିପ୍ଲବୀ ଧରଣୀଧରଙ୍କର ଜୀବନୀ ଓ ବୈପ୍ଳବିକ କାର୍ଯ୍ୟବିଧି ଉପରେ ଆଲୋକପାତ କରିଛନ୍ତି । ଏହା ସମସ୍ତଙ୍କ ପକ୍ଷରେ ସୁଖପାଠ୍ୟ ଓ ଜ୍ଞାନପ୍ରଦ ହେବ ବୋଲି ଆମର ବିଶ୍ୱାସ । ପ୍ରଫେସର ପଟ୍ଟନାୟକ ବହୁ ବ୍ୟସ୍ତତା ମଧ୍ୟରେ ପୁସ୍ତିକାଟି ପ୍ରସ୍ତୁତ କରି ଦେଇଥିବାରୁ ଧନ୍ୟବାଦାର୍ହ ।

୨୬.୧.୯୬

(signature)

ଏହା ଥିଲା ୧୮୯୧ ମସିହାର କଥା । ସେହିବର୍ଷ କେନ୍ଦୁଝର ରାଜ୍ୟସ୍ଥିତ ଭୂୟାଁ ସଂପ୍ରଦାୟର ଜନୈକ ବ୍ୟକ୍ତି ରାଜା ଓ ଇଂରେଜ ସରକାର ବିରୁଦ୍ଧରେ ଏକ ବିଦ୍ରୋହ ସଂଗଠିତ କରି ଓଡିଶା ଇତିହାସକୁ ମହିମାନ୍ୱିତ କରିଥିଲେ । ସେହି ସୁନାମଧନ୍ୟ ବ୍ୟକ୍ତି ହେଉଛନ୍ତି ଧରଣୀଧର ନାୟକ । ସେ ଜନ ମାନସରେ ଧରଣୀଭୂୟାଁ ନାମରେ ଖ୍ୟାତ ଓ ତାଙ୍କର ବିଦ୍ରୋହକୁ ଧରଣୀମେଳି ବୋଲି କୁହାଯାଏ । ତାଙ୍କର ଏହି ମେଳି ଓଡିଶା ଇତିହାସରେ ଏକ ରୋମାଞ୍ଚକର କାହାଣୀ । ତା'ର ଏକ ବର୍ଣ୍ଣନା ଦେବା ପୂର୍ବରୁ କେଉଁଝର ରାଜ୍ୟ ଓ ଭୂୟାଁ ସଂପ୍ରଦାୟ ଉପରେ ଏକ ସଂକ୍ଷିପ୍ତ ସୂଚନା ଦେବା ପ୍ରାସଙ୍ଗିକ ହେବ ।

କେନ୍ଦୁଝର ରାଜ୍ୟର ଅବସ୍ଥିତି, ଆୟତନ ଓ ନାମକରଣ :

କେନ୍ଦୁଝର ରାଜ୍ୟର ଉତ୍ତରରେ ଥିଲା ସିଂହଭୂମ ଜିଲ୍ଲା, ପୂର୍ବରେ ମୟୂରଭଞ୍ଜ ରାଜ୍ୟ ଓ ବାଲେଶ୍ୱର ଜିଲ୍ଲା, ଦକ୍ଷିଣରେ କଟକ ଓ ଢେଙ୍କାନାଳ ରାଜ୍ୟ ଓ ପଶ୍ଚିମରେ ଢେଙ୍କାନାଳ, ପାଲଲହଡା ଓ ବଣେଇ ରାଜ୍ୟ । ଏହାର ଆୟତନ ଥିଲା ୩୦୬୯ ବର୍ଗମାଇଲ । ଗଡରାଜ ରାଜ୍ୟ ଗୁଡିକରୁ ଏହାର ସ୍ଥାନ ଥିଲା ତୃତୀୟ । କେନ୍ଦୁଝର ରାଜ୍ୟଟିକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଥିଲା । ପ୍ରଥମଟି ଥିଲା ଉପର କେନ୍ଦୁଝର- ପାହାଡ ପର୍ବତ ଅଞ୍ଚଳକୁ ନେଇ ଗଠିତ । ଏହା ଆଠଗଡ ନାମରେ କଥିତ ହୋଇଥିଲା । ମାତ୍ର ବର୍ତ୍ତମାନ ଏହା ଆନନ୍ଦପୁର ସବ୍‌ଡିଭିଜନ ନାମରେ କଥିତ । ଉପର କେନ୍ଦୁଝରରେ ରାଜ୍ୟର ସର୍ବୋଚ୍ଚ ପର୍ବତ ଗନ୍ଧମାର୍ଦ୍ଦନ ଅବସ୍ଥିତ- କେନ୍ଦୁଝର ଗଡ ଠାରୁ ୬ ମାଇଲ ଦୂରରେ । ଏହାର ଉଚ୍ଚତା ହେଉଛି ୩୪୬୭ ଫୁଟ ।

ସମ୍ଭବତଃ 'କେନ୍ଦୁଝର' ନାମକରଣର କାରଣ ହେଉଛି, ଏହାର ରାଜା ଜଟି ସିଂହ ନିଜର ରାଜଧାନୀ ଓ ଦୁର୍ଗ ଏକ କେନ୍ଦୁବୃକ୍ଷ ପାର୍ଶ୍ୱରେ ବୋହିଯାଉଥିବା ଝର ବା ଝରଣା ତୀରରେ ପ୍ରତିଷ୍ଠା କରିଥିବାରୁ ସେହି ସ୍ଥାନ କେନ୍ଦୁଝର ନାମରେ କଥିତ ହୋଇଥିଲା ।

ଭୂୟାଁ: ଏକ ସଂକ୍ଷିପ୍ତ ସୂଚନା :

କେନ୍ଦୁଝର ଏକ ଆଦିବାସୀବହୁଳ ଅଞ୍ଚଳ । ବିଭିନ୍ନ ଗୋଷ୍ଠୀର ଅଗ୍ରଭାଗରେ ଅଛନ୍ତି ଭୂୟାଁ । ୧୯୮୧ ମସିହାର ଜନଗଣନା ଅନୁଯାୟୀ ଭୂୟାଁଙ୍କର ସଂଖ୍ୟା ଥିଲା ଶତକଡା ୮୦ ଭାଗ । ଏହି ଭୂୟାଁ ଶବ୍ଦଟିର ମୂଳ 'ଭୂମି ବା ଭୂଇଁ' । ତେଣୁ ସେମାନେ

ଭୂମିର ପ୍ରଥମ ସନ୍ତାନ ବୋଲି ଦାବୀ କରିଥାଆନ୍ତି । ଭୂୟାଁମାନଙ୍କ ମଧ୍ୟରୁ ଅନ୍ୟ ଗୋଟିଏ ଗୋଷ୍ଠୀ କହିଥାଆନ୍ତି ଯେ ସେମାନଙ୍କର ପୂର୍ବ ପୁରୁଷ ଅଲୌକିକଭାବେ ଭୂମାତା ଦେହରୁ ବାହାରିଥିଲେ, ତେଣୁ ସେମାନେ ଭୂୟାଁ ବୋଲି କଥିତ ହୋଇଛନ୍ତି । ସେ ଯାହା ହେଉ ନିଜର କାର୍ଯ୍ୟ ଓ ଦାୟିତ୍ୱ ଅନୁସାରେ ଭୂୟାଁଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯଥା- ସମତଳ ଅଞ୍ଚଳର ଭୂୟାଁ ଓ ପାହାଡ ଅଞ୍ଚଳର ଭୂୟାଁ- ଅର୍ଥାତ ସମତଳ ଭୂୟାଁ ଓ ପାହାଡି ଭୂୟାଁ । ସମତଳ ଭୂୟାଁ ରାଜାଙ୍କର ପାଇକ ସୈନ୍ୟ ଭାବେ କାର୍ଯ୍ୟ କରିଥିବାସ୍ଥଳେ ପାହାଡି ଭୂୟାଁମାନେ ରାଜାଙ୍କର ଅନୁଚର ହୋଇ ତାଙ୍କ ସହିତ ବିଭିନ୍ନ ଅଞ୍ଚଳକୁ ଯାଇଥାଆନ୍ତି । କେନ୍ଦୁଝର ରାଜ୍ୟର ଭୂୟାଁମାନେ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏ ବିଷୟରେ ସେମାନଙ୍କ ମଧ୍ୟରେ ଏକ ପ୍ରକ୍ଷିପ୍ତି ରହିଥିବାର ଜଣାଯାଏ । ଖ୍ରୀ: ୧୬୦୦ରେ ଭୂୟାଁମାନେ ମୟୂରଭଞ୍ଜ ରାଜପରିବାରର ଏକ ଛୋଟପିଲାକୁ ଚୋରାଇଆଣି କେନ୍ଦୁଝର ରାଜଗାଦିରେ ବସାଇଥିଲେ । ସେହିଦିନଠାରୁ ସେମାନଙ୍କୁ ପ୍ରଶାସନିକକ୍ଷେତ୍ରରେ ବିଭିନ୍ନ ସୁବିଧା ସୁଯୋଗ ଦିଆହୋଇ ଆସୁଥିଲା । ଏପରିକି ଭୂୟାଁମାନେ ରାଜାଙ୍କର ଅଭିଷେକ ଉତ୍ସବରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାର ଜଣାଯାଏ । କେନ୍ଦୁଝର ବ୍ୟତୀତ ପାଲଲହଡା ଓ ବଣାଇ ରାଜ୍ୟଗୁଡିକରେ ପାହାଡି ଭୂୟାଁମାନେ ରାଜାମାନଙ୍କୁ ଅଭିଷେକ କରାଇବାର ଅଧିକାର ଦାବୀ କରିଥାଆନ୍ତି । ସେଥିପାଇଁ ପାରମ୍ପରିକ ରୀତିରେ ଅଭିଷେକ ଉତ୍ସବ ପାଳିତ ହେବାପରେ ଗୋଟିଏ ଦିନ ଭୂୟାଁମାନେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜାଙ୍କୁ ଅଭିଷିକ୍ତ କରାଇଥାଆନ୍ତି । ତାହା କରା ନଗଲେ ରାଜାଙ୍କର ଅଭିଷେକ ପୂର୍ଣ୍ଣାଙ୍ଗ ହୋଇନଥାଏ । କର୍ଣ୍ଣେଲ ଡାଲଟନ କେନ୍ଦୁଝରର ଜନୈକ ରାଜାଙ୍କର ଭୂୟାଁମାନଙ୍କ ଦ୍ୱାରା ଅନୁଷ୍ଠିତ ଅଭିଷେକ ଉତ୍ସବର ଏକ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ତାଙ୍କ Descriptive Ethnology of Bengal ପୁସ୍ତକରେ ପ୍ରଦାନ କରିଛନ୍ତି । ତାହା ନିମ୍ନରେ ଉଦ୍ଧୃତ କରାଗଲା ।

"ରାଜାଙ୍କର ଅଭିଷେକ ପାଇଁ ଗୋଟିଏ ଦିନ ସ୍ଥିର ହୋଇଥାଏ । ସେଦିନ ପାହାଡି ଭୂୟାଁମାନେ ତାଙ୍କର ନେତା ବା ମହାନାୟକଙ୍କ ସହିତ ନିଜର ବାଦ୍ୟଯନ୍ତ୍ରମାନ ଧରି ରାଜାଙ୍କ ପ୍ରାସାଦରେ ଉପସ୍ଥିତ ହେଲେ । ତା'ପରେ ମହାନାୟକ ତାଙ୍କ ଗୋଷ୍ଠୀର ଆନୁଗତ୍ୟ ଜଣାଇବା ପାଇଁ ରାଜାଙ୍କୁ ଗୋଟିଏ ଲାଞ୍ଜ ଉପହାର ଦେଲେ । ପରେ ପରେ ମହାନାୟକ ଜଣକ ନିଜର ଦୁଇ ଆଣ୍ଠୁ ଓ ଦୁଇ ହାତରେ ଭରାଦେଇ ଘୋଡାପରି

ଆଣୋଇ ରହିଲେ । ତାଙ୍କ ପିଠି ଉପରେ ରାଜା ବସିବା ପରେ ସେ ତାଙ୍କୁ ରାଜଗାଦି ରଖାଯାଇଥିବା ଘର ଭିତରକୁ ନେଲେ । ଏହି ସମୟରେ ଅନ୍ୟ ଜଣେ ଭୂୟାଁ ନେତା ଦେବୀ ରୂପରେ ପୂଜିତ ହୋଇଥିବା ଗୋଟିଏ ନୂଆ ମାଟି କଳସ ଉପରେ ଫୁଲ ଚଢାଇଲେ । ସେମାନେ ସୁଆଲି ଲତାରେ ତିଆରି କରି ଆଣିଥିବା ଗୋଟିଏ ମୁକୁଟ ରାଜାଙ୍କ ମଥାରେ ରଖିବା ସଙ୍ଗେ ସଙ୍ଗେ ସୀମ ଲତାରେ ତିଆରି ପଲତାଟିଏ ତାଙ୍କ କାନ୍ଧରେ ରଖିଦେଲେ । ତା'ପରେ ରାଜାଙ୍କ କପାଳରେ ସେ ଲଗାଇଲେ ଚନ୍ଦନ ଟୋପା । ତା'ର ଠିକ୍ ପରେ ଗାଁର ମୁଖିଆ ନିଜକୁ ରାଣା ବୋଲି ସମ୍ବୋଧନ କରି ରାଜାଙ୍କ ହାତକୁ ଗୋଟିଏ ଖଣ୍ଡା ବଢାଇଦେଇ କହିଲେ, "ଲୋକଙ୍କର ମୁଣ୍ଡ କାଟିବା ପାଇଁ ଆଜି ତୁମକୁ ଅଭିଷିକ୍ତ କଲି । ତୁମ ଇଛାନୁସାରେ ଯାହା କରିପାରିବ" । ତା'ପରେ ସେଠାରେ ଉପସ୍ଥିତ ସବୁ ଭୂୟାଁ ସର୍ଦ୍ଦାର ଚାଉଳ, ମୁଗ, ଘିଅ ରଖାଯାଇଥିବା ପାତ୍ର, କ୍ଷୀର, ମହୁ ଓ ଅନ୍ୟାନ୍ୟ ଜିନିଷ ଜଣକ ପରେ ଜଣେ ଛୁଇଁ ରାଜାଙ୍କୁ ଉପହାର ଦେଲେ । ଏହି ଉତ୍ସବର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଣେ ବ୍ରାହ୍ମଣ ପୁରୋହିତ ସାମବେଦ ମନ୍ତ୍ର ଉଚ୍ଚାରଣ କରୁଥିଲେ" ।

କେନ୍ଦୁଝର : ଏକ ସଂକ୍ଷିପ୍ତ ଇତିହାସ :

କେନ୍ଦୁଝରର ଧାରାବାହିକ ଇତିହାସ ଏବେ ମଧ୍ୟ ରହସ୍ୟାବୃତ୍ତ । ତଥାପି ଏଠାରେ ପ୍ରକ୍ଷିପ୍ତ ଓ କେତେକ ଐତିହାସିକ ତଥ୍ୟକୁ ଆଧାର କରି ସେହି ରାଜ୍ୟର ସୃଷ୍ଟିଠାରୁ ୧୮୯୧ରେ ସୂତ୍ରପାତ ହୋଇଥିବା ଧରଣୀଧରଙ୍କର ବିଦ୍ରୋହ ପର୍ଯ୍ୟନ୍ତ ରାଜନୈତିକ ଇତିହାସ ଉପରେ ଆଲୋକପାତ କରାଯାଇଛି ।

ଅଷ୍ଟମ ଶତାବ୍ଦୀର ଭୌମକର ରାଜତ୍ବରେ ଓଡିଶାରେ ଗଡଜାତ ରାଜ୍ୟର ସୃଷ୍ଟି । ତନ୍ମଧ୍ୟରୁ କେନ୍ଦୁଝର ଥିଲା ଅନ୍ୟତମ । ମାତ୍ର ସେତେବେଳେ ଏହା ଏକ ସ୍ୱତନ୍ତ୍ର ରାଜ୍ୟ ନ ଥିଲା । ଏହା ସ୍ୱତନ୍ତ୍ର ରାଜ୍ୟର ରୂପ ନେଇଥିଲା ସପ୍ତଦଶ ଶତାବ୍ଦୀରେ । ତା'ର ପୃଷ୍ଠଭୂମିରେ ଘଟଣାଟି ଥିଲା ନିମ୍ନ ପ୍ରକାରର ।

ଖ୍ରୀ: ୧୦୯୮ ମସିହାର କଥା । ସେହି ବର୍ଷ ରାଜପୁତାନା ଅନ୍ତର୍ଗତ ଜୟପୁର ରାଜ୍ୟର ସୂର୍ଯ୍ୟବଂଶୀୟ ରାଜା ମାନସିଂହଙ୍କର ଜୟସିଂହ ନାମରେ ଜନୈକ ପୁତ୍ର ପୁରୀକୁ ଆସିଥିଲେ ତୀର୍ଥଯାତ୍ରା କରି । ତାଙ୍କର ରହଣି ସମୟରେ ସେ ପୁରୀ ରାଜାଙ୍କର କନ୍ୟାକୁ ବିବାହ କରି ହରିହରପୁର ନାମକ ଏକ ବିଶାଳ ଭୂଖଣ୍ଡ ଯୌତୁକ ସୂତ୍ରରେ

ପାଉଥିଲେ । ପରବର୍ତ୍ତୀ ସମୟରେ ଉପର କେନ୍ଦୁଝର ଓ ମୟୂରଭଂଜ ଉକ୍ତ ଭୂଖଣ୍ଡର ଅନ୍ତର୍ଭୁକ୍ତ ହୋଇଥିଲା । ସେହି ଜୟସିଂହ ଦୁଇଟି ପୁତ୍ରର ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ । ଜ୍ୟେଷ୍ଠ ପୁତ୍ରର ନାମ ଥିଲା ଆଦି ସିଂହ ଓ କନିଷ୍ଠ ପୁତ୍ରର ନାମ ଥିଲା ଜଟି ସିଂହ । ଆଦି ସିଂହ ଯୌବନାବସ୍ଥାରେ ପଦାର୍ପଣ କରିବା ପରେ ଦିନେ ନିଜ ବାହୁବଳରେ ମୟୂରଧ୍ୱଜ ନାମକ ଜଣେ ଦୁର୍ଦ୍ଧର୍ଷ ଓ ଅତ୍ୟାଚାରୀ ରାଜାଙ୍କୁ ଦମନ କରି ପୁରୀ ରାଜାଙ୍କଠାରୁ ଭଞ୍ଜ (ଭଞ୍ଜନ ବା ଭାଙ୍ଗିବା) ଉପାଧୀ ଲାଭ କରିଥିଲେ (ତାହା କେନ୍ଦୁଝର ଓ ମୟୂରଭଂଜ ରାଜାଙ୍କର ଉପାଧୀ ହୋଇ ରହିଥିଲା) । ଇତିମଧ୍ୟରେ ଆଦି ସିଂହ ଓ ଜଟି ସିଂହଙ୍କର ପିତା ଜୟ ସିଂହ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିଲେ । ମୃତ୍ୟୁ ପୂର୍ବରୁ ସେ ପୁରୀ ରାଜାଙ୍କଠାରୁ ପାଇଥିବା ଭୂଖଣ୍ଡଟି ନିଜର ଦୁଇପୁତ୍ରଙ୍କ ମଧ୍ୟରେ ବିଭାଜନ କରାଇଥିଲେ । ଜ୍ୟେଷ୍ଠ ପୁତ୍ର ଆଦି ସିଂହ ପାଇଥିଲେ ମୟୂରଭଂଜ ଓ ଅନ୍ୟତମ ପୁତ୍ର ଜଟି ସିଂହଙ୍କୁ ଦିଆଯାଇଥିଲା କେନ୍ଦୁଝର ନାମରେ କଥିତ ଅଞ୍ଚଳଟି । ଉଭୟ ମଧ୍ୟ ନିଜ ନିଜ ଅଞ୍ଚଳରେ ପ୍ରଥମ କରି ଦୁର୍ଗ ନିର୍ମାଣ କରିଥିଲେ । ଆଦି ସିଂହ ନିର୍ମାଣ କରିଥିଲେ ମୟୂରଭଂଜ ଅନ୍ତର୍ଗତ ହରିହରପୁରଠାରେ ଓ ଜଟି ସିଂହ ନିର୍ମାଣ କରିଥିଲେ ଅନ୍ୟ ଏକ ସ୍ଥାନରେ, ଯାହା କେନ୍ଦୁଝର ନାମରେ କଥିତ ହୋଇଥିଲା । ଏହା ଥିଲା ସମ୍ଭବତଃ ୧୧୨୮ ମସିହାର ଘଟଣା । ସେହି ଦୃଷ୍ଟିରୁ କେନ୍ଦୁଝର ରାଜ୍ୟର ସୃଷ୍ଟି ସେହି ସମୟରୁ ବୋଲି କୁହାଯାଇପାରେ ଓ ଏହାର କର୍ତ୍ତା ହେଉଛନ୍ତି ସେହି ଜଟି ସିଂହ । ମାତ୍ର ସେତେବେଳେ କେନ୍ଦୁଝର ଥିଲା ମୟୂରଭଂଜର ପ୍ରଥମ ରାଜା ଆଦି ସିଂହଙ୍କ ଅଧୀନରେ ଓ ମୟୂରଭଂଜ ରାଜ୍ୟର ଏକ ଅଂଶବିଶେଷ ।

ଦିନ ଗଡି ଚାଲିଥିଲା । କ୍ରମେ କ୍ରମେ କେନ୍ଦୁଝର ରାଜ୍ୟର ଅଧିବାସୀ ମୟୂରଭଂଜ ଯାଇ ରାଜାଙ୍କ ନିକଟରେ ନିଜ ନିଜ ଆପତ୍ତି ଅଭିଯୋଗ ଜଣାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କାରଣ ସେତେବେଳେ ରାସ୍ତାଘାଟ ନଥିଲା କି ଯାନବାହାନର କୌଣସି ବ୍ୟବସ୍ଥା ନଥିଲା । କେନ୍ଦୁଝର ଥିଲା ଦୁର୍ଗମ ପାହାଡ ପର୍ବତ ଏବଂ ଦିଗନ୍ତ ବିସ୍ତାରୀ ଅରଣ୍ୟରେ ପରିପୂର୍ଣ୍ଣ । ଏହା ଥିଲା ୧୬୦୦ ଖ୍ରୀଷ୍ଟାବ୍ଦର କଥା । ସେହି ବର୍ଷ ବହୁ ସଂଖ୍ୟକ ଆଦିବାସୀ ବିଶେଷତଃ ଭୂୟାଁମାନେ ମୟୂରଭଂଜ ରାଜାଙ୍କ ନିକଟରେ ଆପତ୍ତି ଜଣାଇଲେ । କେନ୍ଦୁଝରକୁ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ସ୍ୱୀକୃତି ଦେବା ପାଇଁ । ରାଜା ସେଥିରେ ସମ୍ମତି ପ୍ରଦାନ କରି ନିଜର ସାନ ଭାଇକୁ ପଠାଇଥିଲେ କେନ୍ଦୁଝରର ରାଜା ହେବା ପାଇଁ । କିମ୍ବଦନ୍ତୀ ମଧ୍ୟ ସୂଚାଏ ଯେ

ଭୂୟାଁମାନେ ମୟୂରଭଂଜ ରାଜ ପରିବାରର ଏକ ଛୋଟ ପିଲାକୁ ଚୋରାଇ ଆଣି କେନ୍ଦୁଝର ରାଜଗାଦିରେ ବସାଇଥିଲେ ।

ଖ୍ରୀ ୧୬୦୦ଠାରୁ ୧୮୦୩ ମସିହାରେ ଇଂରେଜମାନେ ଓଡିଶା ଅଧିକାର କରିବା ପର୍ଯ୍ୟନ୍ତ କେନ୍ଦୁଝର ରାଜଗାଦିରେ ବହୁ ରାଜା ଅଭିଷିକ୍ତ ହୋଇ ଶାସନ କାର୍ଯ୍ୟ ଚଳାଇଥିଲେ । ସେମାନଙ୍କ ମଧ୍ୟରୁ କେତେକ ଥିଲେ ଅଯୋଗ୍ୟ । ବଂଶ ପରମ୍ପରା ଅନୁଯାୟୀ ସବୁ ସମୟରେ ଯୋଗ୍ୟ ବ୍ୟକ୍ତି ସିଂହାସନ ଲାଭ କରିନଥାନ୍ତି । ଏହି ଦୃଷ୍ଟାନ୍ତରେ ଇତିହାସ ପୃଷ୍ଠା ମୁଖରିତ । ସେପରି ସ୍ଥଳେ କେନ୍ଦୁଝର ରାଜ୍ୟ ଏହାର ବ୍ୟତିକ୍ରମ ହୋଇଥାଆନ୍ତା ବା କିପରି ? ସେ ଯାହା ହେଉ ସେହି ସମୟରେ ଶାସନ କରିଥିବା ରାଜାଙ୍କ ମଧ୍ୟରୁ ଗୋବିନ୍ଦ ଭଞ୍ଜ ଥିଲେ ଅନ୍ୟତମ । ସେ ଜଣେ ଉତ୍ତମ ଯୋଦ୍ଧା ଭାବେ ପରିଚିତ । ପିତାଙ୍କ ସହ କଳି କରି ସେ କେନ୍ଦୁଝର ଛାଡି ପୁରୀ ରାଜାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । ସେହି ସମୟରେ ତାଙ୍କର ବୀରତ୍ୱ ଓ କର୍ମନିଷ୍ଠାରେ ପ୍ରୀତ ହୋଇ ପୁରୀ ରାଜା ତାଙ୍କୁ ଆଠଗଡ ବା ଆନନ୍ଦପୁର ଦାନ କରିବା ସଂଗେ ସଂଗେ ରାଜଗାଦିରେ ବସିବା ପାଇଁ ସାହାଯ୍ୟ କରିଥିଲେ । ପରେ ପରେ କେନ୍ଦୁଝର ରାଜଗାଦିରେ ଅଭିଷିକ୍ତ ହୋଇଥିବା ରାଜାମାନଙ୍କ ମଧ୍ୟରୁ ଲକ୍ଷ୍ମୀ ନାରାୟଣ ଭଞ୍ଜ, ନରସିଂହ ନାରାୟଣ ଭଞ୍ଜ, ପ୍ରତାପ ବଳଭଦ୍ର ଭଞ୍ଜ ଓ ଜନାର୍ଦ୍ଦନ ଭଞ୍ଜ ଭଳି ନିଜର କୃତିତ୍ୱ ଦ୍ୱାରା କେନ୍ଦୁଝର ରାଜ୍ୟର ଇତିହାସକୁ ମୁଖରିତ କରିଥିଲେ ।

କେନ୍ଦୁଝର ସହରରେ ଏବେ ମଧ୍ୟ ଦଣ୍ଡାୟମାନ ଥିବା ବଳଭଦ୍ରଙ୍କର ମନ୍ଦିର ନିର୍ମାଣ କରିଥିଲେ ଲକ୍ଷ୍ମୀ ନାରାୟଣ ଭଞ୍ଜ । ସେହିପରି ନରସିଂହ ନାରାୟଣ ଭଞ୍ଜ ତାଙ୍କ ରାଜ୍ୟରେ କେତେ ଜଣ ବିଦ୍ରୋହୀ ପ୍ରଜାଙ୍କୁ ଦମନ କରି ନିଜ ରାଜ୍ୟର ଶାସନଗତ ଶୃଙ୍ଖଳା ପ୍ରତିଷ୍ଠା କରିଥିଲେ । ପ୍ରତାପ ବଳଭଦ୍ର ଭଞ୍ଜ ତତ୍କାଳୀନ ମୋଗଲ ଶାସକଙ୍କ ନିକଟରୁ କିଛି ତାଲୁକ ଆଣି କେନ୍ଦୁଝର ରାଜ୍ୟର ସୀମା ବୃଦ୍ଧି କରାଇଥିଲେ, ଉକ୍ତ ତାଲୁକ ହେଉଛି ରାଜପୁର ଓ ଯୁଜପଡା । ପ୍ରତାପ ବଳଭଦ୍ର ଭଞ୍ଜଙ୍କର ମୃତ୍ୟୁ ହୁଏ ୧୭୯୪ ଖ୍ରୀଷ୍ଟାବ୍ଦରେ । ତାଙ୍କ ପରେ କେନ୍ଦୁଝରର ରାଜା ହୁଅନ୍ତି ଯଦୁନାଥ ଭଞ୍ଜ । ସେ ପାଲଲହଡାର ରାଜକନ୍ୟା କୃଷ୍ଣପ୍ରିୟାଙ୍କୁ ବିବାହ କରି ଉକ୍ତ ରାଜ୍ୟର କିଛି ଅଂଶ ଯୌତୁକ ଭାବରେ ଲାଭ କରିଥିଲେ । ଏହି ଯଦୁନାଥ ଭଞ୍ଜଙ୍କ ରାଜତ୍ୱରେ ଇଂରେଜମାନେ ଓଡିଶା ଅଧିକାର କରିଥିଲେ ୧୮୦୩ ଖ୍ରୀଷ୍ଟାବ୍ଦରେ । ଓଡିଶା ଅଧିକାର କରିବା ପରେ ଓଡିଶାର ଗଡଜାତ ରାଜାଙ୍କ ସହ ସେମାନେ ଚୁକ୍ତିପତ୍ର

ସ୍ୱାକ୍ଷର କରିଥିଲେ । ତାଙ୍କୁ ସେମାନେ ଏକ ପ୍ରକାର ସ୍ୱାଧୀନତା ଦେବା ସଙ୍ଗେ ସଙ୍ଗେ ତାଙ୍କ ରାଜ୍ୟର ନିରାପତ୍ତା ରକ୍ଷାକରିବା ପାଇଁ ଇଂରେଜମାନେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ପ୍ରଥମ କିସ୍ତିରେ ୧୭ଟି ରାଜ୍ୟ ସହିତ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା ୧୮୦୩ ମସିହା ନଭେମ୍ବର ମାସ ୨୩ ତାରିଖ ଦିନ । ମାତ୍ର ସେଥିରେ କେନ୍ଦୁଝର ରାଜ୍ୟ ଅନ୍ତର୍ଭୁକ୍ତ ହୋଇନଥିଲା । ତାହା ସହିତ ଚୁକ୍ତି ହୋଇଥିଲା ୧୮୦୪ ମସିହା ଡିସେମ୍ବର ୧୬ ତାରିଖ ଦିନ । ଏପରି ବିଳମ୍ବ କରିବାର କାରଣ ମୂଳରେ ଥିଲେ ପରାକ୍ରମୀ ରାଜା ଯଦୁନାଥ ଭଞ୍ଜ- ସ୍ୱାଭିମାନର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ।

ସେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ପାଇଁ ଯେ ଅନୁପସ୍ଥିତ ରହିଥିଲେ ତା' ନୁହେଁ । ସେହି ନଭେମ୍ବର ମାସରେ ଇଂରେଜ କମିଶନରଙ୍କୁ ସେ ଏକ ଦରଖାସ୍ତ ଦେଇ ଜଣାଇଥିଲେ ଯେ ତାଙ୍କ ରାଜ୍ୟ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଭିନ୍ନ । ତାଙ୍କର କେତେ ଜମିଦାରୀ ଇଂରେଜ ଶାସନାଧୀନ ମୋଗଲବନ୍ଦୀ ଅଞ୍ଚଳରେ ରହିଛି । ତେଣୁ ସେ ସ୍ୱତନ୍ତ୍ର ଶ୍ରେଣୀର ରାଜା । ଅନ୍ୟମାନଙ୍କ ପ୍ରତି ପ୍ରୟୋଗ କରାଯାଇଥିବା ସର୍ତ୍ତ ତାଙ୍କ ପ୍ରତି ପ୍ରୟୋଗ କରିବା ସମୀଚୀନ ହେବ ନାହିଁ । କମିଶନର ତାଙ୍କ ଦରଖାସ୍ତ ସହାନୁଭୂତି ସହ ବିଚାର କରି କେତେକ ରିହାତି ମଞ୍ଜୁର କରିଥିଲେ । ତାହା ସେମାନେ ରାଜାଙ୍କର ଓକିଲ ପ୍ରସାଦି ଦାସଙ୍କ ଦ୍ୱାରା ଯଦୁନାଥ ଭଞ୍ଜଙ୍କୁ ଜଣାଇବା ପରେ ୧୮୦୪ ମସିହା ଡିସେମ୍ବର ୧୬ ତାରିଖ ଦିନ ଉଭୟ କମିଶନର ଓ ରାଜାଙ୍କ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା । ସେଥିରେ ଅନ୍ୟ ରାଜ୍ୟ ତୁଳନାରେ କେନ୍ଦୁଝର ରାଜା ଇଂରେଜମାନଙ୍କୁ ଅଳ୍ପ କର ଦେବାର ବ୍ୟବସ୍ଥା ରହିଥିଲା । କେନ୍ଦୁଝର ରାଜ୍ୟର ଆୟତନ ୩୦୯୬ ବର୍ଗ ମାଇଲ ହୋଇଥିଲେ ମଧ୍ୟ ଏହା ବାର୍ଷିକ ୨୭୯୦ ଟଙ୍କା ଏଗାର ଅଣା ୩ ପଇସା ଏକ ପାହୁଲା କର ଦେବାପାଇଁ ସ୍ଥିର ହୋଇଥିଲା । ଏହା କେତେ କମ୍ ତା'ର ଏକ ଦୃଷ୍ଟାନ୍ତ ଦିଆଯାଇପାରେ । ଆଠଗଡ ରାଜ୍ୟର ଆୟତନ ଥିଲା ମାତ୍ର ୧୬୮ ବର୍ଗ ମାଇଲ, କିନ୍ତୁ ଏହାର ବାର୍ଷିକ କର ଥିଲା ୬୪୪୮ ଟଙ୍କା ଆଠଅଣା୭ ପଇସା । ପୁନଶ୍ଚ ଅନ୍ୟ ରାଜାମାନେ ଇଂରେଜ କର୍ମଚାରୀ ବା ସୈନ୍ୟ ତାଙ୍କ ରାଜ୍ୟକୁ ଗସ୍ତରେ ଗଲେ ତାଙ୍କର ଖାଦ୍ୟପେୟ ବା ରସଦ ବନ୍ଦୋବସ୍ତ କରିବାର ସର୍ତ୍ତ ରହିଥିଲେ ମଧ୍ୟ କେନ୍ଦୁଝର ରାଜ୍ୟ ତା'ର ବ୍ୟତିକ୍ରମ ଥିଲା । କେବଳ ସେତିକି ନୁହେଁ, କେନ୍ଦୁଝର ରାଜା ମୋଗଲବନ୍ଦୀ ଅଞ୍ଚଳରେ ଥିବା ଜମିଦାରୀଗୁଡ଼ିକ ଉପରେ କର୍ତ୍ତୃତ୍ୱ ପୂର୍ବପରି ଜାରୀ କରିପାରିବେ ବୋଲି ଚୁକ୍ତିପତ୍ରରେ ରହିଥିଲା । ଏଭେଗୁଡ଼ିଏ

ରିହାତି ଦେବା ମୂଳରେ ପ୍ରକୃତ କାରଣ ଥିଲା ଅନ୍ୟ ପ୍ରକାରର । ଇଂରେଜମାନେ ଥିଲେ ବେଶ୍ ଚତୁର । ନିଜର ସ୍ୱାର୍ଥରକ୍ଷା କରିବା ଦିଗରେ ସେମାନେ ବିଶେଷ ଯତ୍ନବାନ ଥିଲେ । ସେମାନେ ଉପଲବ୍ଧି କରିଥିଲେ ଯେ କେନ୍ଦୁଝରର ଭୌଗୋଳିକ ଅବସ୍ଥିତି ଗୁରୁତ୍ୱପୂର୍ଣ୍ଣ । ବଙ୍ଗଳା ଓ ଓଡିଶାର ସୀମାରେ ଏହା ଅବସ୍ଥିତି । ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଓଡିଶାର ଗଡଜାତ ରାଜ୍ୟ ମଧ୍ୟରେ ଏହାର ସ୍ଥାନ ତୃତୀୟ । ସେପରି ସ୍ଥଳେ ଇଚ୍ଛା କଲେ କେନ୍ଦୁଝରର ରାଜା ନିଜର ଆସ୍ଥାନ ଦୃଢ କରି ନଥିବା ଇଂରେଜମାନଙ୍କ ପାଇଁ ବହୁ ବିପଦ ସୃଷ୍ଟି କରିପାରନ୍ତି । ରାଜା ଯଦୁନାଥ ଭଞ୍ଜ ମଧ୍ୟ ଦୁର୍ବଳଚେତା ନୁହନ୍ତି । ସମ୍ଭବତଃ କେନ୍ଦୁଝରର ସେହି ଭୌଗୋଳିକ ଅବସ୍ଥିତି ଓ ରାଜାଙ୍କର ପ୍ରତିପତ୍ତି ପାଇଁ ଇଂରେଜମାନେ ଯଦୁନାଥ ଭଞ୍ଜଙ୍କୁ ଏପରି ସ୍ୱତନ୍ତ୍ର ସୁବିଧା ଦେଇଥିଲେ ।

ଯଦୁନାଥ ଭଞ୍ଜଙ୍କର ମୃତ୍ୟୁ ପରେ କେନ୍ଦୁଝର ରାଜ୍ୟର ସିଂହାସନ ଆରୋହଣ କରନ୍ତି ଗଦାଧର ନାରାୟଣ ଭଞ୍ଜ । ରାଜା ଯଦୁନାଥ ଭଞ୍ଜ ଯେଉଁ ପରିମାଣରେ ଥିଲେ ସ୍ୱାଭିମାନୀ ଓ ଯୋଗ୍ୟ, ଗଦାଧର ଭଞ୍ଜ ଥିଲେ ସେହି ପରିମାଣରେ ଭୀରୁ ଓ ଅଯୋଗ୍ୟ । ମାତ୍ର ନିଜର ସ୍ୱାର୍ଥ ସାଧନ ଦିଗରେ ସେ ଥିଲେ ସିଦ୍ଧହସ୍ତ । ଏହି ଗଦାଧର ଭଞ୍ଜ ଇଂରେଜମାନଙ୍କର ଖୁବ୍ ପ୍ରିୟ ହେବା ସଙ୍ଗେ ସଙ୍ଗେ ନିଜର ସ୍ୱାର୍ଥ ସାଧନ ଦିଗରେ ଆଶାୟୀ ହୋଇ ୧୮୫୭ରେ ମହାନ ଭାରତୀୟ ବିପ୍ଳବରେ ସେମାନଙ୍କୁ ସାହାଯ୍ୟ ଦେଉଥିଲେ । ଏହି ମହାନ୍ ବିପ୍ଳବ ସମୟରେ ଇଂରେଜ ପ୍ରଶାସନ କେନ୍ଦୁଝର ରାଜ୍ୟରେ ଇଂରେଜ ବିରୋଧୀ କାର୍ଯ୍ୟକଳାପର ଆଶଙ୍କା କରିଥିଲେ । କାରଣ ସେତେବେଳକୁ ଗଦାଧର ଭଞ୍ଜ ଭାରତୀୟ ସିପାହୀମାନଙ୍କୁ ସାହାଯ୍ୟ କରିବା ପାଇଁ ନାଗରୀ ଭାଷାରେ ଲିଖିତ ଏକ ବେନାମୀ ଚିଠି ପାଇଥିବାର ଖବର ତତ୍କାଳୀନ ବ୍ରିଟିଶ କମିଶନର ଜି.ଏଫ. କକବର୍ଣ୍ଣଙ୍କ ନିକଟରେ ପହଞ୍ଚିସାରିଥିଲା । ଏହି ପରିସ୍ଥିତିରେ ସେ ଗଦାଧର ଭଞ୍ଜଙ୍କର ସହାୟତା ନେବାପାଇଁ ପ୍ରଲୋଭନର ଆଶ୍ରୟ ନେଇଥିଲେ । ପ୍ରଲୋଭନ ଦେଖାଇ କାର୍ଯ୍ୟ ହାସଲ କରିବା ଦିଗରେ ଇଂରେଜମାନେ ଯେ କେତେ ପରିମାଣରେ ସିଦ୍ଧହସ୍ତ, ତାହା ଭାରତବର୍ଷରେ ଇଂରେଜ ସାମ୍ରାଜ୍ୟର ପ୍ରତିଷ୍ଠାର ଏକ ବଳିଷ୍ଠ ପ୍ରମାଣ । ସେପରି କ୍ଷେତ୍ରରେ କମିଶନର ଜି.ଏଫ. କକବର୍ଣ୍ଣଙ୍କ ଜାଲରେ ଶିକାର ହେଲେ ଗଦାଧର ଭଞ୍ଜ । ଏହି ବିପ୍ଳବ ସମୟରେ ରାଜା ଇଂରେଜମାନଙ୍କ ପ୍ରତି ଅନୁଗତ ରହିବେ ବୋଲି ସେ ଜି.ଏଫ. କକବର୍ଣ୍ଣଙ୍କୁ ଜଣାଇଥିଲେ । କେତେ ଜଣ ସର୍ଦ୍ଦାରଙ୍କ ଅଧୀନରେ ୫୦୦ ଜଣ ସୁଦକ୍ଷ ପାଇକ ଚାଇଁବସା ପଠାଇଥିଲେ ସେଠାରେ

ଅବସ୍ଥାପିତ ଇଂରେଜ୍ ଲେପ୍‌ଟନାଣ୍ଟ ବିରଚ୍‌ଙ୍କୁ ସାହାଯ୍ୟ କରିବାପାଇଁ । କେନ୍ଦୁଝର ରାଜା ମଧ୍ୟ ଇଂରେଜମାନଙ୍କ ବିରୁଦ୍ଧରେ ପ୍ରସ୍ତୁତ ହେଉଥିବା କୋହ୍ଲମାନଙ୍କର ଗତିବିଧି ବିଷୟରେ ସମସ୍ତ ଗୋପନୀୟ ତଥ୍ୟ କମିଶନର କକବର୍ଣ୍ଣଙ୍କ ନିକଟରେ ପ୍ରକାଶ କରିଥିଲେ । ପୁଣେର ରାଜା ନିଜର ଆନୁଗତ୍ୟର ସଙ୍କେତସ୍ୱରୂପ ଇଂରେଜମାନଙ୍କୁ ଏକ ହସ୍ତୀ ପୁରସ୍କାର ଦେଇଥିଲେ । ଖ୍ରୀ:୧୮୫୮ରେ ବିଦ୍ରୋହ ପ୍ରଶମିତ ହେଲା । ଇଂରେଜମାନେ ନିଜର ବିଜୟ ବୈଜୟନ୍ତୀ ଉଡାଇଲେ । ତା'ପରେ ଆସିଲା ଅନୁଗତ ଗଦାଧର ନାରାୟଣ ଭଞ୍ଜଙ୍କୁ ଉପହାର ଦେବାର ପାଳି । କମିଶନର ଜି.ଏଫ. କକବର୍ଣ୍ଣ ଇଂରେଜ ସରକାରକୁ ସୁପାରିଶ କରି ରାଜା ଗଦାଧର ନାରାୟଣ ଭଞ୍ଜଙ୍କୁ ମହାରାଜା ଉପାଧୀରେ ଭୂଷିତ କରାଇବା ସଙ୍ଗେ ସଙ୍ଗେ ୧୦୦୦ ଟଙ୍କା କର ଛାଡ କରିଦେଇଥିଲେ । ଏଥିସହିତ ତାଙ୍କର ବେବର୍ତ୍ତା ଚନ୍ଦ୍ରଶେଖର ଧଳ ମହାପାତ୍ରଙ୍କୁ ରାୟ ବାହାଦୂର ଉପାଧୀ ଦେବା ସଙ୍ଗେ ସଙ୍ଗେ ଯାବଜ୍ଜୀବନ ବାର୍ଷିକ ୨୦୦ ଟଙ୍କା ଭରା ଦିଆଯାଇଥିଲା । ଏତିକିରେ ଉଭୟ ରାଜା ଓ ବେବର୍ତ୍ତା ନିଜକୁ ବେଶ ଧନ୍ୟ ମନେ କରିଥିଲେ । ସେହି ଉପାଧୀ ଟିକେ ପାଇବା ଲାଳସାରେ କେତେ ଯେ ରାଜା ଓ ସାମନ୍ତ ଅତୀତରେ ଇଂରେଜମାନଙ୍କର ପଦଲେହନ କରିଛନ୍ତି ତା'ର କଳନା ନାହିଁ । ସେପରିସ୍ଥଳେ କେନ୍ଦୁଝର ରାଜା ଓ ବେବର୍ତ୍ତା ତା'ର ବ୍ୟତିକ୍ରମ ହୋଇଥାଆନ୍ତେ ବା କିପରି ?

ଏହି ମହାରାଜା ଉପାଧୀ ପାଇବାର ମାତ୍ର ୩ ବର୍ଷ ଯାଇଛି । ରାଜା ଗଦାଧର ଭଞ୍ଜ ଦିନେ କଲିକତା ନିକଟସ୍ଥ ତ୍ରିବେଣୀକୁ ଯାଇଥିଲେ ନିଜର ରାଣୀ ବିଷ୍ଣୁପ୍ରିୟା ପାଟମହାଦେଈଙ୍କ ସଙ୍ଗରେ ଧର୍ମ କରିବା ପାଇଁ । ସେହିଠାରେ ୧୮୬୧ ମସିହା ମାର୍ଚ୍ଚ ୨୨ ତାରିଖ ଦିନ ସେ ମୃତ୍ୟୁବରଣ କରିଥିଲେ ନିଜର ବିଧବା ରାଣୀଙ୍କୁ ଏକାକିନୀ କରି । କାରଣ ସେ ଥିଲେ ଅପୁତ୍ରିକ । ଅବଶ୍ୟ ନିଜ ରାଣୀଙ୍କଠାରୁ କୌଣସି ସନ୍ତାନ ପାଇପାରିନଥିଲେ ମଧ୍ୟ ତାଙ୍କର ଦୁଇଟି ଅବୈଧ ସନ୍ତାନ ଥିଲେ । ସେମାନେ ଥିଲେ ତାଙ୍କର ଦାସୀପୁତ୍ର । ତାଙ୍କ ନାମ ଥିଲା ଧନୁର୍ଜୟ ଓ ଚନ୍ଦ୍ରଶେଖର । ମାତ୍ର ଧନୁର୍ଜୟଙ୍କୁ କେତେଜଣ ଅମଲା ଫୁଲବାହୀ ରାଣୀଙ୍କର ସନ୍ତାନ ବୋଲି କହି କେନ୍ଦୁଝର ରାଜ୍ୟର ଉତ୍ତରାଧିକାରୀ ବୋଲି ଦାବି କରିଥିଲେ । ରାଜାମାନେ ନିଜର ବିବାହ ସମୟରେ ଅନ୍ୟ ଜଣେ ଯୁବତୀଙ୍କ ଗଳାରେ ଫୁଲମାଳ ଦେଇ ନିଜ ଅନ୍ତଃପୁରକୁ ନେଉଥିଲେ । ପାଟମହାଦେଈଙ୍କ ଗର୍ଭରୁ ଜନ୍ମିତ ପୁତ୍ର ଆଇନତଃ ସିଂହାସନ ଆରୋହଣ

କରିପାରିବେ ବୋଲି ପାରମ୍ପରିକ ପ୍ରଥା ରହିଥିଲା । କେନ୍ଦୁଝରର ରାଜ୍ୟର ଦେବାନ ଦରବାରରେ କେତେ ଜଣ ଅମଲାଙ୍କର ସହାୟତାରେ ୧୮୬୧ ମସିହା ଏପ୍ରିଲ ୩ ତାରିଖ ଦିନ ଧନୁର୍ଜୟଙ୍କୁ ସିଂହାସନରେ ଅଭିଷିକ୍ତ କରାଇଲେ । ସେତେବେଳକୁ ସେ ଥାଆନ୍ତି ନାବାଳକ ।

ସେହି ଦିନଠାରୁ ଆରମ୍ଭ ହୋଇଥିଲା କେନ୍ଦୁଝର ରାଜ୍ୟରେ ଦୁର୍ଦ୍ଦିନ । ରାଜ୍ୟ ହେଲା ରାଜନୈତିକ ଅସ୍ଥିରତା, ବିଦ୍ରୋହ ଓ ବିଶୃଙ୍ଖଳତାର ପ୍ରଶସ୍ତ କ୍ଷେତ୍ର । ଏହା ମୂଳରେ ଥିଲା ରାଜସିଂହାସନ ପାଇଁ ଦୁଇ ପକ୍ଷ ମଧ୍ୟରେ କଳହ ଯାହାକି ସେତେବେଳେ ବହୁ ରାଜ୍ୟରେ ନିତ୍ୟ ନୈମିତ୍ତିକ ଘଟଣା ହୋଇ ପଡିଥିଲା ।

ଧନୁର୍ଜୟ ଭଞ୍ଜଙ୍କର ସିଂହାସନ ଆରୋହଣ ପଛରେ ରାଣୀ ବିଷ୍ଣୁପ୍ରିୟା ପାଟମହାଦେଈଙ୍କର ସମର୍ଥନ ନଥିଲା । ସେ ତ ତାଙ୍କର ପୁତ୍ର ନଥିଲେ । ତାଙ୍କ ଉପରେ ସେ କର୍ତ୍ତୃତ୍ୱ ଜାରି କରି ନ ପାରିବାର ଆଶଙ୍କା କରି ଅନ୍ୟ କାହାରିକୁ ସିଂହାସନରେ ବସାଇବା ପାଇଁ ଆଉଜଣେ ଖୋଜି ବୁଲୁଥିଲେ । ଆଉଜଣେ ବି ମିଳିଥିଲା । ରାଜା ତାଙ୍କ ଜୀବିତାବସ୍ଥାରେ ମୟୂରଭଞ୍ଜ ରାଜାଙ୍କର ନାତି ବୃନ୍ଦାବନଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ରାଣୀ ମଧ୍ୟ ମୟୂରଭଞ୍ଜ ରାଜାଙ୍କଠାରୁ ଏପ୍ରିଲ ୯ ତାରିଖ ଦିନ ଏହି ମର୍ମରେ ଲେଖାଟିଏ ଆଣିଥିଲେ । ସେ ଲେଖା ସହିତ ରାଣୀ ଏକ ଆବେଦନ ପତ୍ର ନେଇ ଓଡିଶାର ତତ୍କାଳୀନ କମିଶନର ଟମାସ ଏଡୱାର୍ଡ ରେଭେନ୍‌ସାଙ୍କ ନିକଟରେ ପହଞ୍ଚିଥିଲେ । ଧନୁର୍ଜୟ ଭଞ୍ଜଙ୍କ ସ୍ଥାନରେ ବୃନ୍ଦାବନ ଭଞ୍ଜ ନ୍ୟାୟତଃ କେନ୍ଦୁଝରର ରାଜା ବୋଲି ସେ ଘୋଷଣା କରନ୍ତୁ । ତାହା ଥିଲା ତାଙ୍କ ଆବେଦନ ପତ୍ରର ସାରାଂଶ । ମାତ୍ର କମିଶନ ଉଭୟଙ୍କର ଦାବୀକୁ ବିଚାରକୁ ନେଇ ରାଣୀଙ୍କର ଆବେଦନ ପତ୍ର ଅଗ୍ରାହ୍ୟ କରି ଧନୁର୍ଜୟ ରାଜା ବୋଲି ରାୟ ଦେଇଥିଲେ । ତାଙ୍କ ରାୟ ବିରୁଦ୍ଧରେ ରାଣୀ କଲିକତାସ୍ଥିତ ହାଇକୋର୍ଟରେ ଅପିଲ କଲେ । ସେଠାରେ ତାହା ଅଗ୍ରାହ୍ୟ ହେଲା । ତା' ବିରୁଦ୍ଧରେ ରାଣୀ ପୁଣି ଲଣ୍ଡନସ୍ଥିତ ପ୍ରିଭି କାଉନସିଲରେ ଆବେଦନ କଲେ । ତାହା ମଧ୍ୟ ଖାରଜ ହେଲା ପରେ ପରେ ତତ୍କାଳୀନ କମିଶନର ଟମାସ ଏଡୱାର୍ଡ ରେଭେନ୍‌ସା ୧୮୬୭ ମସିହା ଡିସେମ୍ବର ମାସରେ ତାଙ୍କୁ ରାଜଗାଦିରେ ଅଧିଷ୍ଠିତ କରାଇଥିଲେ । ଏଥିରେ ରାଣୀ ମର୍ମାହତ ହୋଇଥିଲେ । କିପରି ଧନୁର୍ଜୟଙ୍କୁ ବିତାଡିତ କରି ବୃନ୍ଦାବନ ଭଞ୍ଜଙ୍କୁ ରାଜା କରାଯିବ ତାହା ଥିଲା ତାଙ୍କର ଏକମାତ୍ର ଚିନ୍ତା । ଏଥିରେ ସହାୟତା ଦେବା ପାଇଁ ମୟୂରଭଞ୍ଜ

ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ରାଣୀ ଉପଲବ୍ଧି କରିଥିଲେ ଯେ, ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ହେଲେ ପ୍ରଜାଙ୍କର ସହାୟତା ଦରକାର । ତେଣୁ ରାଣୀ ଗୋପନୀୟ ଭାବେ ତାଙ୍କର ବଳିଷ୍ଠ ପ୍ରଜା ଭୂୟାଁଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ । ତାଙ୍କର ସର୍ଦ୍ଦାର ଥିଲେ ରତ୍ନା ନାୟକ- ଦୁଃସାହସ ଓ ନିର୍ଭୀକତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ରତ୍ନା ନାୟକ ଜୁଆଙ୍ଗ, ଓ ତାଙ୍କର ଅନ୍ୟାନ୍ୟ ସର୍ଦ୍ଦାରଙ୍କ ସହ ରାଣୀଙ୍କର ପକ୍ଷ ସମର୍ଥନ କରିଥିଲେ । ଇଂରେଜମାନଙ୍କ ବିରୁଦ୍ଧରେ ସଂଗ୍ରାମ ଚଳାଇବା ପାଇଁ ସେ ପ୍ରସ୍ତୁତ ହୋଇ ସାରିବା ପରେ ୧୮୬୮ ମସିହା ଏପ୍ରିଲ ୨୧ ତାରିଖ ଦିନ ରତ୍ନାନାୟକ ରାଜା ଓ ଇଂରେଜମାନଙ୍କ ବିରୁଦ୍ଧରେ ଖୋଲାଖୋଲି ଭାବେ ବିଦ୍ରୋହ ଘୋଷଣା କରିଥିଲେ । ଏହା ରତ୍ନାମେଳି ନାମରେ ଖ୍ୟାତ । କେନ୍ଦୁଝର କାହିଁକି ଓଡିଶା ଇତିହାସରେ ଏହା ଏକ ଘଟଣା ବହୁଳ ତଥା ରୋମାଞ୍ଚକର ଅଧ୍ୟାୟ ।

ରତ୍ନାନାୟକ ସହ ହାତ ମିଳାଇଥିଲେ ଅନ୍ୟ କେତେ ଜଣ ଭୂୟାଁ ସର୍ଦ୍ଦାର । ସେମାନେ ହେଲେ ନନ୍ଦ ନାୟକ, ନନ୍ଦ ପ୍ରଧାନ, ବାବୁ ନାୟକ, ଦାଶରଥି କୁଅଁର, ପଦୁ ନାୟକ, ଚୂନି ପ୍ରଧାନ । ସେମାନେ ରାଜାଙ୍କର ଆଦେଶ ଅମାନ୍ୟ କରିବେ ଓ ବୃନ୍ଦାବନ ଭଞ୍ଜଙ୍କୁ ରାଜଗାଦିରେ ଅଭିଷିକ୍ତ ନ କରାଇବା ପର୍ଯ୍ୟନ୍ତ ବିଦ୍ରୋହ ଅବ୍ୟାହତ ରଖିବେ ବୋଲି ସେହି ୧୮୬୮ ଏପ୍ରିଲ ୨୧ ତାରିଖ ଦିନ ଘୋଷଣା କରିଥିଲେ । ପରେ ପରେ ବିଦ୍ରୋହ ଏକ ଭୟାବହ ରୂପ ନେଇଥିଲା । ଇଂରେଜମାନଙ୍କ ପକ୍ଷେ ଏହାକୁ ଦମନ କରିବା କଷ୍ଟସାଧ୍ୟ ହୋଇପଡିଥିଲା । ବିଦ୍ରୋହୀମାନେ ଇଂରେଜମାନଙ୍କର ସେନାଛାଉଣୀ ଉପରେ ଚଢାଉକରି ଧ୍ୱସ୍ତବିଧ୍ୱସ୍ତ କରି ପକାଇଥିଲେ । କ୍ରମେ କ୍ରମେ ଅବସ୍ଥା ଅଣାୟତ୍ତ ହୋଇପଡିଥିଲା । ଅନ୍ୟ କୌଣସି ଉପାୟ ନ ଦେଖି ଇଂରେଜ ପ୍ରଶାସକ ମୟୂରଭଂଜ ରାଜାଙ୍କ ସହାୟତାରେ ବୃନ୍ଦାବନ ଭଂଜଙ୍କୁ ଗିରଫ କରି ରଖିଥିଲେ । ଏଥିସହିତ ଛୋଟନାଗପୁରରୁ ଅଧିକ ସଂଖ୍ୟକ ସୈନ୍ୟ ମଗାଇ ଇଂରେଜମାନେ ଆରମ୍ଭ କରିଥିଲେ ଦମନଲୀଳା । ବିଦ୍ରୋହୀଙ୍କର ଘରରେ ଅଗ୍ନିସଂଯୋଗ କରି ସେଗୁଡିକୁ ଭସ୍ମୀଭୂତ କରିଦିଆଗଲା । ବାସ୍ତବପକ୍ଷେ ଦୀର୍ଘଦିନ ଧନୁଶର ଧରି ସଂଗ୍ରାମ କରୁଥିବା କ୍ଳାନ୍ତ-ଶ୍ରାନ୍ତ ବିଦ୍ରୋହୀ ଭୂୟାଁମାନେ ବହୁ ଅସ୍ତ୍ରରେ ସୁସଜ୍ଜିତ ଇଂରେଜ ସୈନ୍ୟବାହିନୀ ସମ୍ମୁଖରେ ଠିଆ ହୋଇଥାଆନ୍ତେ ବା କିପରି ? ଦୁନସ୍ତ ଇଂରେଜମାନଙ୍କୁ ସହାୟତା ଦେଇଥିଲେ ବଣାଇ, ପାଲଲହଡା, ଢେଙ୍କାନାଳ ଓ

ମୟୂରଭଞ୍ଜର ରାଜାମାନେ । ଏପରିସ୍ଥଳେ ଭୂୟାଁ ସର୍ଦ୍ଦାରମାନେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ମାତ୍ର ସେମାନଙ୍କ ମଧ୍ୟରେ ନଥିଲେ ରତ୍ନା ନାୟକ ଓ ନନ୍ଦ ନାୟକ । ଶେଷରେ ଅଗଷ୍ଟ ୧୫ ତାରିଖ ଦିନ ରତ୍ନା ନାୟକଙ୍କୁ ପାଲଲହଡା ରାଜା ଓ ନନ୍ଦ ନାୟକଙ୍କୁ ବଣାଇ ରାଜ୍ୟର ଦେବାନ ଧରାଇ ଦେଇଥିଲେ । ତା'ପରେ ବିଦ୍ରୋହ ପ୍ରଶମିତ ହୋଇଥିଲା । ଅଗଷ୍ଟ ମାସ ଶେଷ ଆଡକୁ ସବୁ ବିଦ୍ରୋହୀ ସର୍ଦ୍ଦାରଙ୍କୁ ଧରାହୋଇ ସରିଥିଲା ।

ତା'ପରେ ଆରମ୍ଭ ହୋଇଥିଲା ବିଦ୍ରୋହୀମାନଙ୍କର ବିଚାରପର୍ବ । ରାଣୀ ବିଷ୍ଣୁପ୍ରିୟାଙ୍କୁ କଟକକୁ ପଠାଗଲା । ଟି.ଇ. ରେଭେନ୍‌ସା ମୋଟ ୧୮୩ ବନ୍ଦୀଙ୍କର ବିଚାର କରି ରତ୍ନା ନାୟକ, ନନ୍ଦ ନାୟକ, ପଦୁ ନାୟକ, ଦଶରଥ କୁଅଁର, ଚୁନି ପ୍ରଧାନ, ବୈରାଗୀ କୋଲ, ବୈକୁଣ୍ଠ କୋଲ ଓ ମାର୍ଗଶୀରି କୋଲଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରିବା ସଙ୍ଗେ ସଙ୍ଗେ ୨୭ ଜଣଙ୍କୁ ଯାବଜ୍ଜୀବନ ଦୀପାନ୍ତର ଓ ଅନ୍ୟମାନଙ୍କୁ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

ଏହା ହେଉଛି ରତ୍ନା ନାୟକ ଓ ତାଙ୍କ ମେଳିର ରୋମାଞ୍ଚକର କାହାଣୀ । ଯଦି ମୟୂରଭଞ୍ଜ ରାଜା ମତ ପରିବର୍ତ୍ତନ କରି ନ ଥାଆନ୍ତେ, କି ପଡୋଶୀ ରାଜ୍ୟର ରାଜାମାନେ ଇଂରେଜମାନଙ୍କୁ ସହାୟତା ଦେଇ ନ ଥାଆନ୍ତେ, ତେବେ ରତ୍ନା ନାୟକ ଯେ ଓଡିଶାରେ ଇଂରେଜ ଶାସନର ସ୍ଥିତିକୁ ଦୋହଲାଇ ଦେଇଥାଆନ୍ତେ, ଏଥିରେ ସନ୍ଦେହ ନାହିଁ ।

ରତ୍ନାମେଳିର ପ୍ରାୟ ୩୩ ବର୍ଷ ପରେ ଭୂୟାଁ ସଂପ୍ରଦାୟର ଅନ୍ୟତମ ମଉଡମଣି କେନ୍ଦୁଝର ରାଜା ଓ ଇଂରେଜ ସରକାର ବିରୁଦ୍ଧରେ ଅନ୍ୟ ଏକ ବିଦ୍ରୋହର ନେତୃତ୍ୱ ନେଇ ଓଡିଶା ଇତିହାସରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରିଛନ୍ତି, ସେ ହେଲେ ଧରଣୀଧର ଭୂୟାଁ ।

ଧରଣୀଧରଙ୍କ ଜୀବନର ଆଦ୍ୟପର୍ବ :

ଧରଣୀଧର ଜନ୍ମ ଗ୍ରହଣ କରିଥିଲେ କୁସୁମିତା ଗ୍ରାମର ଏକ ପାହାଡି ଭୂୟାଁ ପରିବାରରେ ୧୮୬୪ ମସିହା ମେ ୫ ତାରିଖ ଦିନ । ପିତାଙ୍କର ନାମ ଲକ୍ଷ୍ମଣ ନାୟକ ଓ ମାତାଙ୍କ ନାମ ବାଇରଣି ଦେବୀ । ସେ ଥିଲେ ବାପାଙ୍କର ସାନପୁଅ । ବଡପୁଅର ନାମ ଥିଲା ଗୋପାଳ ନାୟକ । ପିଲାଦିନୁ ପାଠପଢିବାର ପ୍ରବଳ ଆକାଂକ୍ଷା

ଧରଣୀଧରଙ୍କ ହୃଦୟରେ ସ୍ଥାନ ପାଇଥିଲା । ତେଣୁ ବହୁକଷ୍ଟରେ ସେ ପ୍ରଥମେ ପ୍ରାଥମିକ ଓ ପରେ ମଧ୍ୟଇଂରାଜୀ ବିଦ୍ୟାଳୟରେ ପାଠପଢି ସେହି ଅଞ୍ଚଳରେ ଜଣେ ଶିକ୍ଷିତ ବ୍ୟକ୍ତି ରୂପେ ମୁଣ୍ଡ ଟେକିଥିଲେ । ଫଳରେ କେନ୍ଦୁଝର ରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜଙ୍କର ଆଖି ପଡିଥିଲା ତାଙ୍କରି ଉପରେ । ସମ୍ଭବତଃ ଜଣେ ଶିକ୍ଷିତ ଲୋକକୁ ନିଜ ଅଧୀନରେ ରଖିବା ପାଇଁ ରାଜା ଧରଣୀଧରଙ୍କୁ ଉଚ୍ଚଶିକ୍ଷା ଦେବା ପାଇଁ କଟକ ପ୍ରେରଣ କରିଥିଲେ । ସେହିଠାରେ ତୁଳସୀପୁରସ୍ଥିତ ତାଙ୍କ ରାଜବାଟୀରେ ରହି ଧରଣୀଧର ସର୍ଭେ ପାଠ ପଢିଥିଲେ । ସେ ଜଣେ ମେଧାବୀ ଛାତ୍ର ଥିବାରୁ ଠିକ୍ ସମୟରେ ପାଠ ଶେଷ କରି ଫେରି ଆସିଥିଲେ କେନ୍ଦୁଝରକୁ । ପରେ ପରେ ରାଜା ତାଙ୍କୁ ସର୍ଭେ ଓଭରସିଅରଭାବେ ନିଯୁକ୍ତ କରିଥିଲେ । ଅଳ୍ପଦିନ ମଧ୍ୟରେ ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ସାଧୁତା ପାଇଁ ସେ ମଧ୍ୟ ରାଜା ତଥା ଅନ୍ୟମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଥା ରାଜାଙ୍କର ଆସିଷ୍ଟାଣ୍ଟ ଦେୱାନ ବିଚିତ୍ରାନନ୍ଦ ଦାସ ସହ୍ୟ କରିପାରି ନଥିଲେ । କାରଣ ସେ ଥିଲେ ଧରଣୀଧରଙ୍କଠାରୁ କମ୍ ଶିକ୍ଷିତ । କ୍ଷମତାଲୋଭୀ ବ୍ୟକ୍ତି ସାଧାରଣତଃ ଅନ୍ୟ କେହି ଅନୁରୂପ କ୍ଷମତା ପାଇବାର ଦେଖିଲେ ତାହା ସେମାନେ ସହ୍ୟ କରିପାରନ୍ତି ନାହିଁ । ଏବେ ତାହା ହିଁ ହେଲା । କିପରି ରାଜାଙ୍କଠାରେ ତାଙ୍କୁ ଅପ୍ରିୟ କରାଇବେ ସେହି ଚିନ୍ତାରେ ସେ ନିମଜ୍ଜିତ ରହିଲେ । ସର୍ଭେୟର ଭାବରେ ଧରଣୀଧର କାର୍ଯ୍ୟ କରୁଥିବା ସମୟରେ ସେ ଛୋଟ ପଦିକାରେ ଜମି ମାପ କରୁଛନ୍ତି ବୋଲି କହି ବିଚିତ୍ରାନନ୍ଦ ଦାସ ନିଜେ ତାଙ୍କୁ ଅପମାନସୂଚକ ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହି କଥା ମଧ୍ୟ ସେ ଯାଇ କହିଥିଲେ ରାଜାଙ୍କୁ । ତେଣୁ ତାଙ୍କୁ ବନ୍ଦୋବସ୍ତ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଥିଲା । ବିଚିତ୍ରାନନ୍ଦ ଦାସଙ୍କ ପରାମର୍ଶ କ୍ରମେ ରାଜା କେନ୍ଦୁଝର ଓ ସିଂହଭୂମର ସୀମାବିବାଦ ସମାଧାନ କରିବା ପାଇଁ ଧରଣୀଧରଙ୍କୁ ନିଯୁକ୍ତ କରିଥିଲେ । ଏଥିପାଇଁ ପ୍ରଥମେ ଧରଣୀଧର ଚମ୍ପୁଆର ଲୁଙ୍ଗିକୁଦ ଓ ଗୋଧୂଳି ଗ୍ରାମକୁ ଯାଇଥିଲେ । ସେଠାରେ ସୁଚାରୁରୂପେ କାର୍ଯ୍ୟ ସଂପାଦନ କରି ସବୁ କାଗଜପତ୍ର ପାଇକ ହସ୍ତରେ ପଠାଇଥିଲେ ରାଜାଙ୍କ ପାଖକୁ । କାରଣ ଧରଣୀଧର ବାଟରେ ପଡୁଥିବା ପଦ୍ମପୁର ଗ୍ରାମର ନିଜ ଭଉଣୀଘରକୁ ଯାଇଥିଲେ କିଛିଦିନ ରହିବା ପାଇଁ । ତାଙ୍କ ଅନୁପସ୍ଥିତିର ପୂର୍ଣ୍ଣ ସୁଯୋଗ ନେଇଥିଲେ ବିଚିତ୍ରାନନ୍ଦ ଦାସ । ରାଜାଙ୍କ ପାଖରେ ତାଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ଉପସ୍ଥାପନ କରି ତାଙ୍କର ମନକୁ ବିଷାକ୍ତ କରିଦେଇଥିଲେ । କେବଳ ସେତିକି ନୁହେଁ, ବିଚିତ୍ରାନନ୍ଦ ଦାସ ପାଇକମାନଙ୍କଠାରୁ ସେହି କାଗଜପତ୍ର ନେଇ ନିଜେ ସେ ସବୁ କରିଛନ୍ତି ବୋଲି

ଇଂରେଜ ପ୍ରଶାସକଙ୍କଠାରୁ ଲେଖାଇ ଆଣିଥିଲେ । ତାକୁ ନେଇ ବିଚିତ୍ରାନନ୍ଦ ଦାସ ରାଜାଙ୍କୁ ଭେଟି ଦେଇଥିଲେ । ଏଥିସହିତ ରାଜାଙ୍କ ନିକଟରେ ମଧ୍ୟ ମିଥ୍ୟା ଅଭିଯୋଗ କରିଥିଲେ ଯେ ଧରଣୀ ତାଙ୍କ ବିରୁଦ୍ଧରେ ମେଳି କରୁଛି । ଏହିପରି ଭାବେ ବିଚିତ୍ରାନନ୍ଦଙ୍କର କାନକୁହାକଥା ଶୁଣି ଶେଷରେ ରାଜା ଧରଣୀଧରଙ୍କୁ ସର୍ଭେୟର ପଦବୀରୁ ବିତାଡିତ କରିଥିଲେ । ଏହି ପଦବୀରେ ସେ ରହିପାରିଥିଲେ ମାତ୍ର ଦେଢ଼ ବର୍ଷ । ତା ପରେ ନିଜର ଭରଣପୋଷଣ ପାଇଁ ଧରଣୀଧର ମୟୂରଭଂଜ ରାଜାଙ୍କ ନିକଟରେ ପହଞ୍ଚିଥିଲେ । ତାଙ୍କର ଦକ୍ଷତା ବିଷୟରେ ସୂଚନା ପାଇ ସେ ନିଜ ରାଜ୍ୟରେ ତାଙ୍କୁ ସର୍ଭେୟରଭାବେ ନିଯୁକ୍ତି ଦେଇଥିଲେ । ମାତ୍ର ୪ ବର୍ଷ ପରେ ଉକ୍ତ ପଦବୀ ତ୍ୟାଗ କରି ସେ ଫେରି ଆସିଥିଲେ ନିଜ ଗ୍ରାମ କୁସୁମିତାକୁ । ଏହିଠାରେ ରାଜା ଓ ତାଙ୍କ ଅମଲାମାନଙ୍କର ଅତ୍ୟାଚାର କାହାଣୀ ନିଜର ଭୂୟାଁ ଭାଇଙ୍କଠାରୁ ଶୁଣି ତାଙ୍କ ହୃଦୟରେ ବିଦ୍ରୋହର ଶିଖା ଜୁହୁଳି ଉଠିଥିଲା ।

ଧରଣୀଧରଙ୍କ ବିଦ୍ରୋହର ପୃଷ୍ଠଭୂମି :

ଧରଣୀଧରଙ୍କ ଐତିହାସିକ ବିଦ୍ରୋହର ପୃଷ୍ଠଭୂମିରେ କେତୋଟି ଘଟଣା କାର୍ଯ୍ୟ କରିଥିଲା । ସେଗୁଡିକ ଥିଲା ମୁଖ୍ୟତଃ ରାଜା ଓ ତାଙ୍କ ଅମଲାଙ୍କର ପ୍ରଜାଙ୍କ ପ୍ରତି ଅତ୍ୟାଚାରକୁ କେନ୍ଦ୍ର କରି । ତେଣୁ ପ୍ରଜାମାନେ ମୁଖ୍ୟତଃ ଭୂୟାଁ ସଂପ୍ରଦାୟର ଲୋକେ ଅତିଷ୍ଠ ହୋଇ ପଡିଥିଲେ । ବିଶେଷତଃ ରାଜ୍ୟର ପ୍ରଚଳିତ ବେଠୀପ୍ରଥା ତାଙ୍କୁ ବିଚଳିତ କରି ଦେଇଥାଏ । ଏହି ବେଠୀପ୍ରଥା ପୂର୍ବରୁ ପ୍ରଚଳିତ ଥିଲେ ହେଁ ରାଜା ଧନୁର୍ଜୟ ଭଞ୍ଜଙ୍କ ରାଜତ୍ୱରେ ଏହା କଠୋର ରୂପ ଧାରଣ କରିଥିଲା । ରାଜାଙ୍କର ପ୍ରତ୍ୟେକ କାର୍ଯ୍ୟ ପ୍ରଜାମାନେ ସମ୍ପାଦନ କରିବେ ବିନା ପାରିଶ୍ରମିକରେ । ରାଜାଙ୍କର ରଥଯାତ୍ରା ହେବ, କାଠ ଓ ଦଉଡି ଯୋଗାଇବେ ଭୂୟାଁମାନେ ମାଗଣାରେ । ଭୂୟାଁ ପୀଢ ମଧ୍ୟରେ ରାଜା ବା ତାଙ୍କ ଅମଲାମାନେ କୌଣସି ସ୍ଥାନକୁ ଗଲେ ତାଙ୍କର ବିଛଣାଦି ଯାବତୀୟ ମାଲପତ୍ର ଭୂୟାଁମାନେ ବୋହିବେ- କିଛି ପାରିଶ୍ରମିକ ନ ପାଇ । ରାଜା ଓ ଅମଲା ବିଭିନ୍ନ ସ୍ଥାନରେ ଅତି ସୌଖୀନ ଓ ବିଳାସପୂର୍ଣ୍ଣ ଖାଦ୍ୟ ଖାଉଥିବା ସ୍ଥଳେ . ବାହାରେ ଭୂୟାଁ ମୋଟିଆମାନେ ଉପବାସରେ ରହି ଦୀର୍ଘଶ୍ୱାସ ଛାଡୁଥିବେ । କେବଳ ସେତିକି ନୁହେଁ, ପୂଜା ପାର୍ବଣ ସମୟରେ ବଳିପଡିବା ପାଇଁ ଭୂୟାଁମାନଙ୍କୁ ଛେଳି ଯୋଗାଇବା ପାଇଁ କୁହାଯାଉଥିଲା । ପ୍ରଥମେ ପ୍ରଥମେ ନିଜର ଶକ୍ତି ଅନୁସାରେ ତାହା ଯୋଗାଇଥିଲେ ମଧ୍ୟ ଅଧିକ ଛେଳି ଯୋଗାଇବା ପାଇଁ କୁହାଯିବାରୁ ତାଙ୍କପକ୍ଷେ

ତାହା ଅସହ୍ୟ ହୋଇ ପଡିଥିଲା । ଏହା ହେଲା ମାତ୍ର ଅଳ୍ପ କେତେକ ଦୃଷ୍ଟାନ୍ତ । ଏପରି ଅବସ୍ଥାରେ ପ୍ରଜାମାନଙ୍କ ଅସନ୍ତୋଷର ବହ୍ନି କ୍ରମେ କ୍ରମେ କୁହୁଳୁଥିଲା ।

ଇତିମଧ୍ୟରେ ଭୂୟାଁ ପ୍ରଜାମାନଙ୍କୁ ଶାନ୍ତ କରିବା ପାଇଁ ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଆଗ୍ରହ ପ୍ରକାଶ କରିବାରୁ ଉଭୟଙ୍କ ମଧ୍ୟରେ ଏକ ବୈଠକର ଆୟୋଜନ କରାଯାଇଥିଲା । ସେହିଠାରେ ପ୍ରଜାମାନେ ମତବ୍ୟକ୍ତ କରିଥିଲେ ଯେ, ଯଦି ଶାସନ କ୍ଷେତ୍ରରେ ଇଂରେଜ ସରକାର ନିରୀକ୍ଷଣ କରିବାର ଦାୟିତ୍ୱ ବହନ କରିବେ, ତେବେ ସେମାନେ ରାଜାଙ୍କର ଶାସନାଧୀନ ହୋଇ ରହିବେ । ରାଜା ତାହା ମାନି ନେଇଥିଲେ । ତଦନୁଯାୟୀ କ୍ୟାପ୍‌ଟେନ ଜନଷ୍ଟନ ସ୍ୱତନ୍ତ୍ର ନିରୀକ୍ଷକଭାବେ ନିଯୁକ୍ତ ହୋଇଥିଲେ । ସେ ରହିଥିଲେ କେନ୍ଦୁଝର ଗଡରେ । କିଛିଦିନ ସବୁକଥା ସୁରୁଖୁରୁରେ ଚାଲିଥିଲା । ଜନଷ୍ଟନ ଓ ଭୂୟାଁମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସ୍ଥାପିତ ହୋଇପାରିଥିଲା । ମାତ୍ର କିଛି ଦିନ ପରେ ଭୂୟାଁମାନଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ ଇଂରେଜ ନିରୀକ୍ଷଣ ବନ୍ଦ ହୋଇଗଲେ ରାଜା ଅଧିକ ଅତ୍ୟାଚାରୀ ହୋଇପଡିବେ । ଏହି ପରିସ୍ଥିତିରେ କ୍ୟାପ୍‌ଟେନ ଜନ୍‌ଷ୍ଟନ ତତ୍କାଳୀନ କମିଶନର ରେଭେନ୍‌ସାଙ୍କୁ ପରାମର୍ଶ ଦେଇଥିଲେ ଯେ ଉପର କେନ୍ଦୁଝରକୁ ଛୋଟନାଗପୁର ଡିଭିଜନ ସହ ମିଶାଇ ଦେଇ କେବଳ ମାତ୍ର ଆନନ୍ଦପୁର ସମେତ ନିମ୍ନ କେନ୍ଦୁଝରକୁ ଧର୍ନୁଜୟ ନାରାୟଣ ଭଞ୍ଜଙ୍କୁ ଦିଆଯିବା ଉଚିତ । ମାତ୍ର ଏଥିରେ ରେଭେନ୍‌ସା ସମ୍ମତି ଦେଇନଥିଲେ । ବରଂ ଶାସନ କ୍ଷେତ୍ରରେ ସେ ରାଜାଙ୍କୁ ଅଧିକ କ୍ଷମତା ଦେଇଥିଲେ । ଏହା ଭୂୟାଁମାନଙ୍କର ଅସନ୍ତୋଷ ବଢାଇ ଦେଇଥିଲା । ଇତିମଧ୍ୟରେ ୧୮୭୧ ମସିହା ଅଗଷ୍ଟ ମାସରେ ଜନଷ୍ଟନଙ୍କୁ ପ୍ରତ୍ୟାହାର କରି ନିଆଯାଇ ତାଙ୍କ ସ୍ଥାନରେ ଉଇଲିୟମ ଆର. ହଣ୍ଟରଙ୍କୁ ନିଯୁକ୍ତି ଦିଆଯାଇଥିଲା । ସେ ୧୮୭୧ରୁ ୧୮୭୭ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିଥିଲେ । ସେ ଜନଷ୍ଟନଙ୍କ ପରି ଏତେ ଦକ୍ଷ ନ ଥିଲେ କି ପ୍ରଜାମାନଙ୍କ ପ୍ରତି ସହାନୁଭୂତିଶୀଳ ନଥିଲେ । ତେଣୁ ପ୍ରଜାମାନେ ଯାହା ଆଶଙ୍କା କରିଥିଲେ, ତାହା ହିଁ ହେଲା । ରାଜା ଓ ତାଙ୍କର ଅମଲାମାନେ ଅଧିକ ଅତ୍ୟାଚାରୀ ହୋଇପଡିଲେ, ପ୍ରଜାମାନଙ୍କ ଉପରେ ବହୁ ବିଭିନ୍ନ କର ବସାଗଲା । ପରେ ପରେ ଘଟଣାବଳୀ କ୍ଷିପ୍ରଗତିରେ ଗଡିଚାଲିଲା ।

ବିଦ୍ରୋହର ବିସ୍ଫୋରଣ :

ଏହିସବୁ ଘଟଣା ଧରଣୀଧର ଭୂୟାଁ ମୟୂରଭଞ୍ଜରୁ ଫେରି ଅତି ନିବିଷ୍ଟ ଦୃଷ୍ଟିରେ ଲକ୍ଷ୍ୟ କରୁଥାଆନ୍ତି । ଇତିମଧ୍ୟରେ ୧୮୯୧ ମସିହାରେ କେନ୍ଦୁଝରରେ ଘଟଣାଟିଏ ଘଟିଲା । ଉକ୍ତ ଘଟଣାଟି ସୁପ୍ତ ଧରଣୀଧରଙ୍କୁ ଶତସିଂହର ବଳ ଦେଇ ଲୋକଲୋଚନକୁ ଆଣି ଦେଇଥିଲା । ତାହା ଥିଲା ମାଛକାନ୍ଦଣାଝରର ଖନନ ।

କେନ୍ଦୁଝରଗଡ଼ର ୧୧ କିଲୋମିଟର ଉତ୍ତରକୁ ଯୋଡ଼ିଆ ପାହାଡ଼ରୁ ଗୋଟିଏ ଝୋର ବା ଝର ବାହାରି ବୈତରଣୀ ନଦୀରେ ପଡ଼ିଥିଲା । ଏହା ମାଛକାନ୍ଦଣାଝର ନାମରେ କଥିତ । ସେତେବେଳେ କେନ୍ଦୁଝରର ରାଜା ଚିନ୍ତା କରିଥିଲେ ଯେ ଯଦି ସେହି ଝର ଉପରେ ଏକ ମାହାରା ବନ୍ଧ ନିର୍ମାଣ କରାଯାଇପାରିବ, ତେବେ ତାହା ଏକ ବିରାଟ ହ୍ରଦରେ ପରିଣତ ହେବ । ସେଥିରେ କବାଟ ଲଗାଇ ଜଳନିୟନ୍ତ୍ରଣ କରିପାରିଲେ କୌଣସି କାର୍ଯ୍ୟରେ ଆସୁନଥିବା ସେହି ଜଳ ଆବଶ୍ୟକତା ଅନୁଯାୟୀ ଗ୍ରାମବାସୀମାନେ ଜଳସେଚନ ସମେତ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରିପାରିବେ । ଏହା ଥିଲା ବାସ୍ତବପକ୍ଷେ ଏକ ସୁପରିକଳ୍ପିତ ଯୋଜନା । (ଏବେ ସେଠାରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି) ଏଥିପାଇଁ କେନ୍ଦୁଝରର ତତ୍କାଳୀନ ମେନେଜର ଫକୀର ମୋହନ ସେନାପତି ରାଜାଙ୍କୁ କହି ଦଶହଜାର ଟଙ୍କାର ଏକ ଅଟକଳ ପ୍ରସ୍ତୁତ କରିଥିଲେ । ରାଜା ମଧ୍ୟ ତାହା ମଞ୍ଜୁର କରିଥିଲେ । ଏହି ମାହାରା ଖନନର ଦାୟିତ୍ୱ ଦିଆଯାଇଥିଲା ରାଜ୍ୟର ସେହି ଅତ୍ୟାଚାରୀ ଆସିଷ୍ଟାଣ୍ଟ ମେନେଜର ବିଚିତ୍ରାନନ୍ଦ ଦାସଙ୍କ ଉପରେ । ସେଇଠି ରାଜା ଏକ ତ୍ରୁଟି କରି ବସିଲେ । ବିଚିତ୍ରାନନ୍ଦ ଦାସଙ୍କ ଚରିତ୍ର ଓ କାର୍ଯ୍ୟକଳାପ ବିଷୟରେ ରାଜାଙ୍କୁ କିଛି ଅଛପା ନଥିଲା । ତଥାପି ତାଙ୍କୁ ଏହି କାର୍ଯ୍ୟ ପାଇଁ ଦାୟିତ୍ୱ ଦେବା ରାଜାଙ୍କର ଏକ ଅବିବେକୀ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଇତି ମଧ୍ୟରେ ବିଚିତ୍ରାନନ୍ଦ ଦାସ ସ୍ଥିର କଲେ ଯେ ମାହାରାଟି ନିର୍ମାଣ କରାଯିବ । ଭୂୟାଁ ପ୍ରଜାମାନଙ୍କ ଉଦ୍ଦେଶ୍ୟରେ ଏହି ମର୍ମରେ ପାଇକମାନଙ୍କ ଦ୍ୱାରା ଖବର ପଠାଇଲେ ଯେ ଝର ନିକଟରେ ଅବସ୍ଥିତ ଭୂୟାଁ ଗ୍ରାମରୁ ପ୍ରତିଦିନ ପାଳି କରି ଲୋକ ଆସି ଖନନ କରିବେ । ଏବେ ମଧ୍ୟ ସେହି ଭୂୟାଁ ଅଧ୍ୟୁଷିତ ଗ୍ରାମଗୁଡ଼ିକ ରହିଛି । ତନ୍ମଧ୍ୟରୁ ଡଙ୍ଗାପାଣି, ଠାକୁର ଜିହ, ଜାମୁଡ଼ିଆ, ମେଦିନୀପୁର ଓ ଅଞ୍ଜର ଗ୍ରାମର ନାମ ଉଲ୍ଲେଖଯୋଗ୍ୟ । ବିଚିତ୍ରାନନ୍ଦ ଦାସଙ୍କର ଆଦେଶ ଅବମାନନା

କରିବାର ସାହସ କାହାର ବା ଅଛି ? ତେଣୁ ପ୍ରତ୍ୟହ ସେମାନେ ସକାଳୁ ଚାରିଁବସାରୁ ଅଣାଯାଇଥିବା ଶାବଳମାନ ଧରି ଖୋଳିବା ପାଇଁ ଉପସ୍ଥିତ ହେଉଥାଆନ୍ତି । ପ୍ରବଳ ଖରା- ସେଥିରେ ଦିନ ୧୨ଟା ପର୍ଯ୍ୟନ୍ତ ପଥର ଭାଙ୍ଗି ମାତ୍ର ଦୁଇଘଣ୍ଟା ଛୁଟି ମିଳୁଥାଏ ଖାଇବା ପାଇଁ । ପୁଣି ୨ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଳାକାର୍ଯ୍ୟ ଚାଲେ । ଯେଉଁଠି ବେଠିଆ ନିଜଘରୁ ଚାଉଳ ଆଣିଥାଏ, ସେ ରୋଷେଇ କରି ଖାଏ । ସେହି ଛୁଟି ଦୁଇଘଣ୍ଟା ମଧ୍ୟରେ ଯେ ଆଣି ନଥାଏ, ସେ ଉପବାସରେ ରହେ ।

ଏହି ପ୍ରକାର ଅବସ୍ଥା ଭୂୟାଁମାନଙ୍କୁ ଏକତ୍ର କରାଇଥିଲା । ଧରଣୀଧରଙ୍କ ପରାମର୍ଶ କ୍ରମେ ରିମୁଳି ଓ ହାଣ୍ଡିଭଙ୍ଗାଠାରେ ବେଠୀ ପ୍ରଥା ବିରୁଦ୍ଧରେ ବୈଠକମାନ ବସୁଥିଲା । ସେଠାରେ ସେମାନେ ନିଷ୍ପତ୍ତି ନେଇଥିଲେ ଯେ ବିଚିତ୍ରାନନ୍ଦ ଦାସଙ୍କୁ ହାଣିବେ ଓ ରାଜାଙ୍କୁ କେନ୍ଦୁଝରଗଡରୁ ବିତାଡିତ କରିବେ । ଏଣେ ରାଜାଙ୍କର ଅମଲା ଧରଣୀଧରଙ୍କର ଭାଇ ଗୋପାଳ ନାୟକ ସମେତ ୨୦ ଜଣ ଭୂୟାଁ ସର୍ଦ୍ଦାରଙ୍କୁ ଗିରଫ କରିନେଇଥିଲେ । ଗୋପାଳ ନାୟକଙ୍କୁ ୩ ମାସ କାରାଦଣ୍ଡ ହୋଇଗଲା । ଏହି ସବୁ ଘଟଣା ଧରଣୀଧରଙ୍କୁ ଜାଗ୍ରତ କରାଇଲା । ସେ ଆହ୍ୱାନ ଦେଲେ ବିଦ୍ରୋହ କରିବାପାଇଁ । ଅଳ୍ପ ସମୟ ମଧ୍ୟରେ ବଣାଇ ଓ ସିଂହଭୂମରୁ ଶତସହସ୍ର ବାଥୁଡ଼ି, କୋହ୍ଲ, ଭୂୟାଁ, ସାଉନ୍ତି ଧରଣୀଧରଙ୍କ ଛତ୍ର ତଳେ ସମବେତ ହେଲେ । ବିଦ୍ରୋହ ପାଇଁ ରଙ୍ଗମଞ୍ଚ ପ୍ରସ୍ତୁତ ହେଲା । ମାତ୍ର ବିଦ୍ରୋହ ଆରମ୍ଭ କରିବା ପୂର୍ବରୁ ଧରଣୀଧର ୧୮୯୧ ମସିହା ଜାନୁୟାରୀ ମାସରେ କଟକସ୍ଥିତ କମିଶନର, କଲିକତାସ୍ଥିତ ଇଂରେଜ କର୍ତ୍ତୃପକ୍ଷ ଓ ମୟୂରଭଞ୍ଜ ରାଜ୍ୟର ମେନେଜରଙ୍କୁ ରାଜାଙ୍କର ଅତ୍ୟାଚାର ବିଷୟରେ ଚିଠି ଲେଖି ଅବଗତ କରାଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ତାଙ୍କର ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ । ରାଣୀଙ୍କର ଧର୍ମପୁତ୍ର ରୂପେ ସେ ନିଜକୁ ଘୋଷଣା କରି ରାଜ୍ୟରେ ନ୍ୟାୟ ବିଚାର ଦେବା ପାଇଁ ସେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି କହିଲେ । ଏହିପରି ଭାବେ ବିଦ୍ରୋହର ନାଟକଟି ଉନ୍ମୋଚିତ ହେଲା ।

ପ୍ରାଥମିକ ପଦକ୍ଷେପ ସ୍ୱରୂପ ଧରଣୀଧର ଭୂୟାଁ ପାଓ୍ୱାରି ଗ୍ରାମରେ ଏକ ପଞ୍ଚାୟତ ଡକାଇଥିଲେ ରାଜାଙ୍କ ଅତ୍ୟାଚାର ବିରୁଦ୍ଧରେ କ'ଣ କରାଯାଇପାରିବ ତାହା ଆଲୋଚନା କରିବା ପାଇଁ । ଏହା ରାଜାଙ୍କ କାନରେ ପଡିଥିଲା ତେଣୁ ସେ ନିଜେ, ଆସିଷ୍ଟାଣ୍ଟ ମେନେଜର ବିଚିତ୍ରାନନ୍ଦ ଦାସ ଓ ହେଡ୍ କନେଷ୍ଟବଳ ନାରାୟଣ ଭୋଇ ଉକ୍ତ ଗ୍ରାମକୁ ଯାଇଥିଲେ ସମ୍ଭବତଃ ସେମାନଙ୍କୁ ଭୟଭୀତ କରିବାପାଇଁ । ସେଠାରେ ସେମାନେ କେତେଜଣ ବିଦ୍ରୋହୀଙ୍କୁ ବନ୍ଦୀ କରିଥିଲେ ମଧ୍ୟ ମୁଖ୍ୟ କର୍ଣ୍ଣଧାର

ଧରଣୀଧରଙ୍କୁ ଧରିପାରି ନ ଥିଲେ । ସେଠାରେ ପହଞ୍ଚିବା ପୂର୍ବରୁ ସେ ପଳାୟନ କରିସାରିଥିଲେ । ତା'ପରେ ବହୁ କୋହ୍ଲ ଓ ଭୂୟାଁଙ୍କୁ ସଙ୍ଗରେ ନେଇ ଧରଣୀଧର ପହଞ୍ଚିଥିଲେ ଚାମ୍ପୁକପୁର ଗ୍ରାମରେ । ସେଠାରେ ସେମାନେ ରାଜାଙ୍କର କନେଷ୍ଟବଳ ଓ ପାଇକମାନଙ୍କ ଉପରେ ଆକ୍ରମଣ ଚଳାଇ ସେମାନଙ୍କୁ କ୍ଷତବିକ୍ଷତ କରିଦେଇଥିଲେ । ପୂର୍ବତନ ଦେୱାନ ନନ୍ଦ ଧନଙ୍କୁ ସେମାନେ ହତ୍ୟା କରିଥିଲେ । ଏଥିସହିତ ସେମାନେ କେନ୍ଦୁଝରଗଡ ସହିତ ସବୁ ଯୋଗସୂତ୍ର ବିଚ୍ଛିନ୍ନ କରିଦେଇଥିଲେ । ବିଦ୍ରୋହୀମାନଙ୍କ ଦ୍ୱାରା ଡାକଚିଠି ଲୁଟି କରାଯାଇଥିଲା । ଅବସ୍ଥା କ୍ରମେ ଭୟାବହ ହେଉଥିବାର ଲକ୍ଷ୍ୟ କରି ରାଜା ଓ ବିଚିତ୍ରାନନ୍ଦ ଦାସ କେନ୍ଦୁଝରଗଡ ଛାଡି ଆନନ୍ଦପୁରରେ ପହଞ୍ଚିଥିଲେ । ୧୮୯୧ ମସିହା ମେ ୭ ତାରିଖ ଦିନ । ସେଠାରେ ସେ ନିରାପଦରେ ରହିପାରିବେ ବୋଲି ଚିନ୍ତା କରି ଏହି ପଦକ୍ଷେପ ନେଇଥିଲେ । ସେଠାକୁ ଯିବାକୁ ଅନ୍ୟ ଏକ କାରଣ ଥିଲା ତାଙ୍କର ବୁଦ୍ଧିଦାତା ଫକୀରମୋହନ ସେନାପତି ସେହିଠାରେ ରହୁଥିଲେ । ମାତ୍ର ସେଠାରେ ରାଜା ନିରାପଦରେ ରହିପାରି ନ ଥିଲେ । ବିଦ୍ରୋହୀମାନଙ୍କର ସଂଖ୍ୟା ବୃଦ୍ଧିପ୍ରାପ୍ତ ହୋଇ ୫୦୦୦ରେ ପହଞ୍ଚିଥିଲା । ସେମାନେ ଆନନ୍ଦପୁର ଅଭିମୁଖେ ଯାଉଥିବାର ସନ୍ଦେଶ ରାଜାଙ୍କଠାରେ ପହଞ୍ଚିଥିଲା । ତେଣୁ କଟକସ୍ଥିତ କମିଶନରଙ୍କୁ ଏହା ଜଣାଇ ପୋଲିସର ସାହାଯ୍ୟ ପାଇବା ନିମନ୍ତେ ରାଜା ତାଙ୍କ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ରାୟ ନନ୍ଦ କିଶୋର ଦାସ ବାହାଦୂର ଓ ମେନେଜର ଫକୀରମୋହନ ସେନାପତିଙ୍କୁ କଟକ ପ୍ରେରଣ କରିଥିଲେ ମେ ୧୨ ତାରିଖ ଦିନ । ସେତେବେଳେ କମିଶନର ଥାଆନ୍ତି ଜର୍ଜ ଟଏନ୍‌ବି । ଫକୀରମୋହନ ତାଙ୍କୁ ସାକ୍ଷାତ କରି ବିଦ୍ରୋହ ବିଷୟରେ ସମସ୍ତ ବିଷୟ ଅବଗତ କରାଇବା ପରେ ପୋଲିସର ସାହାଯ୍ୟ ମାଗିଥିଲେ । ମାତ୍ର ଟଏନ୍‌ବି ପ୍ରଥମେ ଫକୀରମୋହନଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, "ଆଚ୍ଛା ହେଲା, ଭଲ ହେଲା । ରାଜା ଯେପରି ଅତ୍ୟାଚାରୀ ଓ ଗଭର୍ଣ୍ଣମେଣ୍ଟର ହୁକୁମ ଅମାନ୍ୟକାରୀ, ସେହିପରି ଦଣ୍ଡ ଭୋଗନ୍ତୁ- ଆମେ ସାହାଯ୍ୟ କରିପାରିବୁ ନାହିଁ" । ମାତ୍ର ଫକୀରମୋହନ ସେନାପତି ନିଜର ବିଚକ୍ଷଣ ବୁଦ୍ଧି ପ୍ରୟୋଗ କରି କମିଶନରଙ୍କୁ ବୁଝାଇଥିଲେ, "ରାଜା ସବୁବେଳେ ଅନୁଗତ, ବରଂ ଭୂୟାଁମାନେ ବଣୁଆ-ରାଜା, ଅତ୍ୟାଚାରୀ ନୁହନ୍ତି ।" ଶେଷରେ କମିଶନର ବୁଝି ବଙ୍ଗ ସରକାରଙ୍କୁ ଜଣାଇଥିଲେ ବିଦ୍ରୋହ ଦମନ କରିବା ପାଇଁ ସେମାନେ ଯେପରି ହେଉ କିଛି ପଦକ୍ଷେପ ନିଅନ୍ତୁ । ତାଙ୍କର ମତ ଗ୍ରହଣ କରାଗଲା । ଚାଇଁବାସାର ଡେପୁଟି କମିଶନର ଏଚ. ଡାଉସନଙ୍କୁ କେନ୍ଦୁଝରର ବିଦ୍ରୋହ ଦମନ କରିବା ପାଇଁ କମିଶନରଙ୍କ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ଭାବେ ନିଯୁକ୍ତ କରାଗଲା । ବିଦ୍ରୋହ ଦମନ

କରିବା ଦିଗରେ ଚାର୍ଲ ଓ୍ୱେଲିଙ୍ଗଷ୍ଟୋନ ମଧ୍ୟ ତାଙ୍କୁ ସାହାଯ୍ୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା ।

ଏହି ଖବର ପାଇବାମାତ୍ରେ ବିଦ୍ରୋହୀମାନେ ଅଧିକ ଉତ୍ତେଜିତ ହୋଇପଡିଥିବାର ଦେଖାଯାଇଥିଲା । ଧରଣୀଧର ମଧ୍ୟ ଦୃଢଭାବେ ନିଜକୁ କେଉଁଝର ରାଜ୍ୟର ଟିକାୟତ ବୋଲି ଘୋଷଣା କରିଥିଲେ । ପୁନଶ୍ଚ ସେ ରାଇସୁଆଁର ଏକ ଆମ୍ବତୋଟା ମଧ୍ୟରେ ନିଜର ଦରବାର ପ୍ରତିଷ୍ଠା କରି ପ୍ରଜାମାନଙ୍କୁ ବିଭିନ୍ନ ଆଦେଶ ଜାରୀ କରିଥିବାର ଦେଖାଯାଇଥିଲା । କେନ୍ଦୁଝରର ଦାୟିତ୍ୱ ନେବାପାଇଁ ସରକାର ତାଙ୍କୁ ଅନୁମତି ଦିଅନ୍ତୁ ବୋଲି ମଧ୍ୟ ସେ ଇଂରେଜ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ । ବସନ୍ତପୁରଠାରେ ଫକୀରମୋହନଙ୍କୁ ମଧ୍ୟ ଧରି ନେଇ ଧରଣୀଧରଙ୍କ ଦରବାରରେ ହାଜର କରାଯାଇଥିଲା । ଧରଣୀ ତାଙ୍କୁ ଦେଖି କହିଲେ, "ମୋ ଗୋଡ ତଳେ ପଡ-ମୋ ଗୋଡତଳେ ପଡ ।" ଏହା ଭୂୟାଁ ପାଢିରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲା । କାରଣ କେନ୍ଦୁଝରଗଡର ମେନେଜର ଫକୀରମୋହନ ଧରାପଡିଛି । ସେହି ସମୟରେ ନିଜକୁ ଟିକାୟତ ଘୋଷଣା କରିଥିବା ଧରଣୀଧର ଫକୀରମୋହନଙ୍କୁ ମନ୍ତ୍ରୀ ପଦରେ ନିଯୁକ୍ତି ଦେଇଥିଲେ । ତା'ପରେ ଖୋଦ ମନ୍ତ୍ରୀଙ୍କ ଉପସ୍ଥିତିରେ ଦରବାରରେ ନିଷ୍ପତ୍ତି ନିଆଯାଇଥିଲା ଯେ, କେନ୍ଦୁଝରଗଡ ଅଧିକାର କରି ସମସ୍ତ ସମ୍ପତ୍ତି ରାଇସୁଆଁକୁ ଅଣାଯିବ । ସେତେବେଳକୁ ରାଜା ଆନନ୍ଦପୁରରୁ କେନ୍ଦୁଝରଗଡକୁ ଫେରି ଆସିସାରିଥାଆନ୍ତି ।

ଇତିମଧ୍ୟରେ ଧରଣୀଧରଙ୍କ ଆଦେଶକ୍ରମେ ବିଦ୍ରୋହୀମାନେ କେନ୍ଦୁଝର ରାଜାଙ୍କ ଅମଲା ଓ ସେମାନଙ୍କ ସହିତ ସହଯୋଗ କରୁ ନ ଥିବା ଲୋକଙ୍କର ସମ୍ପତ୍ତି ଲୁଟ୍ କରିବାରେ ଲାଗିଲେ । ମେ ୧୬ ତାରିଖ ଦିନ ସେମାନଙ୍କ ରାଜାଙ୍କ ଗଡ ମଧ୍ୟରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ, ଅବଶ୍ୟ ସେମାନେ ବିଫଳ ହୋଇଥିଲେ । କାରଣ ରାଜାଙ୍କ ଗଡ ଜଗୁଆଳୀମାନଙ୍କର ଅଧ୍ୟକ୍ଷ କ୍ଷେତ୍ରୀବର ସିଂହଙ୍କୁ ସେମାନେ ପଦାନତ କରିପାରିନଥିଲେ । ଏହି ଘଟଣା ପରେ ବିଦ୍ରୋହୀଙ୍କ ସଂଖ୍ୟା ୨୦,୦୦୦କୁ ବୃଦ୍ଧି ହୋଇଥିଲା । ଏପରିକି ରାଜା ଓ ଜମିଦାରଙ୍କର ପାଇକମାନେ ବିଦ୍ରୋହୀଙ୍କ ସହ ଯୋଗ ଦେଇଥିଲେ । ସେମାନେ ରାଜାଙ୍କର କାରାଗର ଉପରେ ଆକ୍ରମଣ କରି ବହୁ ବନ୍ଦୀଙ୍କୁ ମୁକ୍ତ କରାଇଥିଲେ । ରାଜକୋଷ ମଧ୍ୟ ଲୁଟ୍ କରାଯାଇଥିଲା । ଏହିପରିଭାବେ ସମଗ୍ର କେନ୍ଦୁଝରଗଡର ଶାସନ ବିଦ୍ରୋହୀମାନେ ଅଧିକାର କରିନେଇଥିଲେ । ଅବଶ୍ୟ ସେତେବେଳକୁ ଇଂରେଜ ସୈନ୍ୟବାହିନୀ

କେନ୍ଦୁଝରଗଡରେ ପହଞ୍ଚି ନ ଥାଆନ୍ତି । ପରେ ପରେ ଏଚ. ଡାଉସନ ପହଞ୍ଚିଥିଲେ କେନ୍ଦୁଝରଗଡରେ ।

ଏଣେ ଧରଣୀଧର ନିଜର ଦରବାର ଚଳାଉଥାଆନ୍ତି ରାଇସୁଆଁଠାରେ ଫକୀରମୋହନଙ୍କୁ ମନ୍ତ୍ରୀ ପଦରେ ଅଭିଷକ୍ତ କରି । କେନ୍ଦୁଝରଗଡକୁ ଦଖଲ କରିବାର ଗୁପ୍ତ ନିଷ୍ପତ୍ତି ନିଆଯିବାପରେ ଦରବାରରେ ଉପସ୍ଥିତ ଫକୀରମୋହନ ବିଚଳିତ ହୋଇପଡିଥିଲେ । ରାଜାଙ୍କ ମେନେଜର ହୋଇଥିବାରୁ ଫକୀରମୋହନଙ୍କର ରାଜାଙ୍କ ପ୍ରତି ଆନୁଗତ୍ୟ ଥିଲା । ବିପଦ ସମୟରେ ନିଜର ମାଲିକଙ୍କୁ ରକ୍ଷା କରିବା ଧର୍ମ ବୋଲି ଉପଲବ୍ଧି କରି ଗଡ ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ଗୁପ୍ତ ଖବର ସତର୍କତାର ସହିତ ରାଜାଙ୍କୁ ଚିଠିରେ ଜଣାଇବା ପାଇଁ ସେ ଚିନ୍ତା କରିଥିଲେ । ଚିଠି ଲେଖିବେ- ମାତ୍ର ଏପରିଭାବେ ଲେଖିବେ ଯେ, ଯାହାକି ରାଜାଙ୍କ ବ୍ୟତୀତ ଅନ୍ୟ କେହି ବୁଝିପାରିବେ ନାହିଁ । ଚିଠି ଲେଖିବା ପାଇଁ ଅନୁମତି ମଧ୍ୟ ଲୋଡା । ପ୍ରତ୍ୟୁତ୍ପନ୍ନମତି ଫକୀରମୋହନଙ୍କ ପକ୍ଷେ ଏହା ମଧ୍ୟ ବିଶେଷ କଷ୍ଟ ନ ଥିଲା । ସେ ଜାଣିଛନ୍ତି ଧରଣୀଧର ପାନ ଖାଆନ୍ତି । ସୁତରାଂ ତାଙ୍କ ପାଇଁ ଭଲ ପାନ ମଗାଇବା ଉଦ୍ଦେଶ୍ୟରେ ଚିଠିଟିଏ ଲେଖିବେ କହି ଧରଣୀଧରଙ୍କୁ ଆବେଦନ କରି ତାଙ୍କଠାରୁ ଅନୁମତି ପାଇଥିଲେ । ରାଜାଙ୍କର ଆନନ୍ଦପୁର କଚେରୀରେ ବାଲେଶ୍ୱର ନିବାସୀ ଭୋଳାନାଥ ଦେ ନାମରେ ଜଣେ ସର୍ଭେୟର ଥିଲେ । ଭଦ୍ରକରେ ତାଙ୍କର ଗୋଟିଏ ଆଖୁବାଡି ଥିଲା । ତାଙ୍କ ପାଖକୁ ସମ୍ବୋଧନ କରି ଚିଠିଟିଏ ଲେଖି ପ୍ରକୃତପକ୍ଷେ ରାଜାଙ୍କ ପାଖକୁ ତାହା ପଠାଇବାପାଇଁ ସେ ଚିନ୍ତା କରିଥିଲେ । ତାହା ହିଁ କରାଗଲା । ଚିଠିଟିର ଅବିକଳ ନକଲ ଏଠାରେ ଉଦ୍ଧାର କରାଗଲା ।

ମଇ ମାସ ତା ୧୬ ସନ ୧୮୯୧
ମୁକାମ ରାଇସୁଆଁ

ଭୋଳାନାଥ ଖମାରିଆ ଜାଣିବୁ,

"ମହାରାଣୀଙ୍କ ପୁତ୍ରଙ୍କ ସକାଶେ ନିତାନ୍ତ ଦରକାର- ଅତି ଶୀଘ୍ର ଶହେ ହେଲେ ପାନ, ଦୁଇଶ ଗୁଆ ପଠାଇବୁ । ଉଇରପଟୁ ମାହାରା କରି ଆଖୁବାଡିକୁ ଶୀଘ୍ର ପାଣି ବୁହାଇବୁ । ନୋହିଲେ ଆଖୁବାଡି ବିନାଶଯିବ ବୋଲି ଜାଣିବୁ ।"

(ଇତି)

ରାଜା ଚିଠିଟି ପାଇ ତାର ଅର୍ଥ କଲେ, ପାନ ମାନେ ସିପାହୀ, ଗୁଆ ଅର୍ଥ ବନ୍ଧୁକର ଗୁଳି- ଅର୍ଥାତ ବନ୍ଧୁକଧାରୀ ସିପାହୀ, ଆଖୁବାଡି ଅର୍ଥାତ ଗଡ- ଉଉରଦିଗରୁ ଅର୍ଥାତ ଚାଇଁବାସା ତରଫରୁ ସିପାହୀ ଶୀଘ୍ର ନଗଲେ ଗଡ ଲୁଟପାଟ ହୋଇ ନଷ୍ଟ ହୋଇଯିବ । ଏହି ଖବର ଡାଉସନଙ୍କୁ ଜଣାଇ ଦିଆଗଲା । ତେଣୁ ସେ ତାଙ୍କ ସହିତ ଆଣିଥିବା ସପ୍ତଦଶ ରେଜିମେଣ୍ଟର ସୈନ୍ୟ ଧରି ଗଡ ଜଗିଥିଲେ । ଫଳରେ ବିଦ୍ରୋହୀମାନଙ୍କର ଗଡ ଆକ୍ରମଣ କରିବାର ଯୋଜନା ପଣ୍ଡ ହୋଇଯାଇଥିଲା ।

ଫଳରେ ବିଦ୍ରୋହୀମାନେ ସବୁପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ସେମାନେ ରାଜବାଟୀ ଦଖଲ କରିପାରି ନଥିଲେ । ବନ୍ଧୁକ ଗୋଳାବାରୁଦରେ ସୁସଜ୍ଜିତ ଏକ ତାଲିମପ୍ରାପ୍ତ ଇଂରେଜ ସେନାବାହିନୀ ସମ୍ମୁଖରେ ଆଦିବାସୀ ବିଦ୍ରୋହୀ ଧନୁଶର ପରି ପାରମ୍ପରିକ ଅସ୍ତ୍ରଶସ୍ତ୍ର ନେଇ ନିଜର ବିଜୟ ବୈଜୟନ୍ତୀ ଉଡାଇବା ଦିଗରେ ସକ୍ଷମ ହୋଇପାରି ଥାଆନ୍ତେ ବା କିପରି ? ସେ ଯାହା ହେଉ ଧରଣୀଧର ସମେତ ଅନ୍ୟାନ୍ୟ ବିଦ୍ରୋହୀଙ୍କୁ ଧରିବା ଥିଲା ଇଂରେଜ ସେନାଧ୍ୟକ୍ଷ ଡାଉସନଙ୍କର ପ୍ରଧାନ ଚିନ୍ତାର ବିଷୟ । ପ୍ରଥମ ପଦକ୍ଷେପ ସ୍ୱରୂପ ସେ ପୋଲିସ ସବ୍ ଇନିସପେକ୍ଟର ଶଶୀ ଭୂଷଣ ରାୟ ଓ କନେଷ୍ଟବଳ ଭଗବାନ ଷେଣ୍ଢଙ୍କୁ ପଠାଇଥିଲେ ଧରଣୀଧରଙ୍କ ଛାଉଣୀକୁ ସେଠାକାର ଅବସ୍ଥା ଅନୁଧ୍ୟାନ କରି ତାଙ୍କୁ ଜଣାଇବା ପାଇଁ । ଆବଶ୍ୟକ ପଡିଲେ ଆତ୍ମସମର୍ପଣ କରିବା ପାଇଁ ସେମାନେ ଧରଣୀଧରଙ୍କୁ ପ୍ରଭାବିତ କରିବେ । ଶଶୀଭୂଷଣ ରାୟ ତାହାହିଁ କରିଥିଲେ । ମାତ୍ର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଧରଣୀଧର ଆତ୍ମସମର୍ପଣ କରିଥାଆନ୍ତେ ବା କିପରି ?

ସେତେବେଳେ ଫକୀରମୋହନ ସେନାପତି ମୁକ୍ତ ହୋଇ ନଥାନ୍ତି । ସେ ଥାଆନ୍ତି ଧରଣୀଧରଙ୍କ ଦରବାରରେ । ଧରଣୀଧରଙ୍କୁ ଧରାଇଦେବା ପାଇଁ ଫକୀରମୋହନ ଏକ କୌଶଳ ଚିନ୍ତା କରୁଥାଆନ୍ତି । କୌଶଳଟିଏ ମଧ୍ୟ ଖୋଜି ପାଇଥିଲେ । ଧରଣୀଧରଙ୍କର ବୀରତ୍ୱକୁ ପ୍ରଶଂସା କରି ଦିନେ ସେ ତାଙ୍କୁ ପରାମର୍ଶ ଦେଇଥିଲେ ଯେ ସେ ଥରେ ଯାଇ ଇଂରେଜ ସେନାଧ୍ୟକ୍ଷ ଡାଉସନ ସାହେବଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରନ୍ତୁ । ଏହା ତାଙ୍କ ପାଇଁ ମଙ୍ଗଳପ୍ରଦ ହେବ । ଏଣେ ଏହି ବିଷୟ ଡାଉସନଙ୍କୁ ଫକୀରମୋହନ ଜଣେଇ ଦେଇଥାଆନ୍ତି । ଧରଣୀଧର ଫକୀରମୋହନଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ ବୁଝିନପାରି କିଛି ସହଯୋଗୀଙ୍କ ସହ କେନ୍ଦୁଝର ଗଡ ଅଭିମୁଖରେ ଯାତ୍ରା କରିଥିଲେ । ବିପରୀତ ଦିଗରୁ ଆସିଥିଲେ

ଡାଉସନ ସାହେବ କିଛି ସୈନ୍ୟସାମନ୍ତ ଧରି । ବାଟରେ ପୂତୁଳିଆ ଓ ରୁଚିରି ନାମକ ଦୁଇଟି ଗାଁ ମଧ୍ୟରେ ଥିବା ଏକ ସ୍ଥାନରେ ଡାଉସନ ସାହେବ ଆସୁଥିବାର ଲକ୍ଷ୍ୟ କରି ଧରଣୀଧର ହାତୀ ପିଠିରୁ ଓହ୍ଲାଇ ତାଙ୍କୁ ସ୍ୱାଗତ ଜଣାଇଥିଲେ । ପୂର୍ବ ପରିକଳ୍ପନା ଅନୁଯାୟୀ ସୈନ୍ୟମାନେ ଧରଣୀଧରଙ୍କୁ ଚତୁର୍ଦ୍ଦିଗରୁ ଘେରି ବନ୍ଦୀ କରିଥିଲେ । ଏହା ବାସ୍ତବପକ୍ଷେ ଇଂରେଜମାନଙ୍କର ଶଠତାର ଏକ ନଗ୍ନ ପରିପ୍ରକାଶ । ଯେଉଁ ଜାତି ପ୍ରାରମ୍ଭରୁ ଶଠତା ଓ ଷଡଯନ୍ତ୍ରର ଆଶ୍ରୟ ନେଇ ଭାରତରେ ଏକ ସାମ୍ରାଜ୍ୟ ସ୍ଥାପନ କରିଥିଲେ- ଧରଣୀଧରଙ୍କ ପ୍ରତି ସେହି ପ୍ରକାର ଆଚରଣ ପ୍ରଦର୍ଶନ ସେପରି କିଛି ବିସ୍ମୟକର ନଥିଲା । ସେ ଯାହାହେଉ, ପରେ ପରେ ଫକୀରମୋହନ ସେନାପତି ଓ ଅନ୍ୟମାନଙ୍କୁ ମୁକ୍ତ କରାଯାଇ କେନ୍ଦୁଝରଗଡକୁ ନିଆଯାଇଥିଲା । ବିଦ୍ରୋହ ପ୍ରଶମିତ ହୋଇଥିବାର ଚିନ୍ତା କରି ଡାଉସନ ଇଂରେଜ ସୈନ୍ୟ ଧରି କେନ୍ଦୁଝର ଛାଡି ଚାଲି ଯାଇଥିଲେ ।

ଇତି ମଧ୍ୟରେ ଧରଣୀଧରଙ୍କର ବନ୍ଦୀ ଖବର ବିଜୁଳି ବେଗରେ ସର୍ବତ୍ର ବ୍ୟାପି ଯାଇଥିଲା । ତାଙ୍କର ଅନୁଗାମୀମାନେ ହତୋତ୍ସାହିତ ହୋଇ କେନ୍ଦୁଝର ପାଖଆଖ ଜଙ୍ଗଲରେ ଆଶ୍ରୟ ନେଇଥିଲେ । ତଥାପି ସେମାନଙ୍କ ମଧ୍ୟରୁ କେତେକଙ୍କର ରକ୍ତ ଶିଥିଳ ହୋଇ ନଥିଲା । ଦୀପ ଲିଭିପିବା ପୂର୍ବରୁ ଜୋର୍‌ରେ ଜଳି ଉଠିଲା ପରି ସେମାନଙ୍କ ମଧ୍ୟରେ ଥିବା ବିଦ୍ରୋହର ସ୍ଫୁଲିଙ୍ଗ ଲେଲିହାନ ଶିଖାର ରୂପ ନେଇଥିଲା । ଗୋପନୀୟ ଭାବେ ସେମାନେ କେନ୍ଦୁଝର ସହିତ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ କରିଦେଇଥିଲେ । ଏପରି ଅବସ୍ଥାରେ କେନ୍ଦୁଝରରେ ଅବସ୍ଥାପିତ ଏଚ.ପି. ଉଇଲି ସାହେବ ଦମନ କାର୍ଯ୍ୟ ଆରମ୍ଭ କରିଥିଲେ । ଧରଣୀଧରଙ୍କର ଦୁଇ ପ୍ରଧାନ ସହଯୋଗୀ ନରେନ୍ଦ୍ର ମହାପାତ୍ର ଓ ବଳରାମ ସିଂଙ୍କୁ ବନ୍ଦୀ କରାଯାଇ ଢେଙ୍କାନାଳ ଜେଲକୁ ପଠାଯାଇଥିଲା । ଏଥି ସହିତ ଉଇଲି ସାହେବ କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ କଟକକୁ ପଠାଇ ଦେଇଥିଲେ । ରାଜ୍ୟର ଶାସନଭାର ଗ୍ରହଣ କରିଥିଲେ ସେ ନିଜେ ।

ପରେ ପରେ ଧନୁର୍ଜୟ ନାରାୟଣ ଭଞ୍ଜ ଇଂରେଜ ସରକାରଙ୍କୁ ଆବେଦନ କରିଥିଲେ ତାଙ୍କର ରାଜ୍ୟ ଓ ରାଜଗାଦୀ ଫେରାଇଦେବା ପାଇଁ । ପ୍ରଥମେ ବଙ୍ଗଳାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ଚାର୍ଲସ୍ ଏଲିଏଟ ତାଙ୍କର ଆବେଦନ ପତ୍ରକୁ ଖାରଜ କରି ଦେଇଥିଲେ । କେନ୍ଦୁଝର ରାଜା କୌଣସି ଉପାୟ ନ ଦେଖି ତତ୍କାଳୀନ ପ୍ରଖ୍ୟାତ

ବାରିଷ୍ଟର ମଧୁସୂଦନ ଦାସଙ୍କୁ ନିଯୁକ୍ତ କରିଥିଲେ ତାଙ୍କ ପକ୍ଷରୁ ଇଂରେଜମାନଙ୍କ ସହିତ ଲଢିବା ପାଇଁ । ତାଙ୍କର ଉଦ୍ୟମରେ ପ୍ରଥମ ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କୁ କଟକ ଆସିବାକୁ ପଡିଥିଲା ସେ ବିଷୟରେ ଅନୁସନ୍ଧାନ କରିବା ପାଇଁ । ସେ ଆସି ତତ୍କାଳୀନ କମିଶନର ଜର୍ଜ୍ଜ ଟଏନବି ଓ ଏଚ.ପି. ଉଇଲିଙ୍କ ସହ ଆଲୋଚନା କରିଥିଲେ ଉଭୟ କମିଶନର ଓ ଉଇଲି ରାଜାଙ୍କ ଆବେଦନପତ୍ର ଖାରଜ କରିବା ପାଇଁ ମତ ପ୍ରଦାନ କରିଥିଲେ ମଧ୍ୟ ମଧୁବାବୁ ଏପରି ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ରାଜାଙ୍କୁ ରାଜ୍ୟ ଫେରାଇ ଦେବା ପାଇଁ ରାଜି ହୋଇଥିଲେ । ଏଥିପାଇଁ ରାଜା ତାଙ୍କୁ ବିପୁଳ ଅର୍ଥ ଦେଇଥିଲେ । ସେ ଯାହା ହେଉ ଶାସନ କାର୍ଯ୍ୟ ତଦାରଖ କରିବା ପାଇଁ ଇଂରେଜମାନଙ୍କ ପକ୍ଷରୁ ଜଣେ ପଲିଟିକାଲ ଏଜେଣ୍ଟ ନିଯୁକ୍ତି କରାଯିବାର ବ୍ୟବସ୍ଥା ରହିଥିଲା । ତଦନୁଯାୟୀ ଇଂରେଜ ସରକାର ନିଜର ଜଣେ ପ୍ରଶାସକ ରାୟ ବାହାଦୁର ନନ୍ଦକିଶୋର ଦାସଙ୍କୁ ଉକ୍ତ ପଦବୀରେ ଅବସ୍ଥାପିତ କରାଇଥିଲେ । ପରେ ପରେ ଫକୀରମୋହନ ନିଜ କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ ଓ ତାଙ୍କ ସ୍ଥାନ ପୂରଣ କରିଥିଲେ ବାବୁ ଦୁର୍ଗାଦାସ ମୁଖାର୍ଜୀ ।

ଇତିମଧ୍ୟରେ ଭୂୟାଁମାନେ ତାଙ୍କର ପ୍ରିୟ ନେତା ଧରଣୀଧରଙ୍କର ମୁକ୍ତି ଦାବୀ କରି ବସିଥିଲେ । ରାଜାଙ୍କର ହୃଦୟରେ ପୁନରାୟ ଆତଙ୍କର ତରଙ୍ଗ ସୃଷ୍ଟି ହୋଇଥିଲା । ମାତ୍ର ନନ୍ଦ କିଶୋର ଦାସ ଏଥିରେ ଅଟଳ ରହି ବିଦ୍ରୋହୀଙ୍କର ଉପରୋକ୍ତ ଦାବୀ ଗ୍ରହଣ କରି ନ ଥିଲେ । ଏଥିରେ କ୍ଷୁବ୍ଧ ହୋଇ କେତେ ଜଣ ଭୂୟାଁ ଦାର୍ଜିଲିଂ ଯାଇ ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ନିକଟରେ ଧରଣୀଧରଙ୍କର ମୁକ୍ତିପାଇଁ ଆବେଦନ କରିଥିଲେ । ମାତ୍ର ତାହା ଗ୍ରହଣ କରାଯାଇ ନଥିଲା । ବରଂ ପୋଲିସ ଫୌଜ ସାହାଯ୍ୟରେ ସେମାନଙ୍କର ବିଦ୍ରୋହ ଦମନ କରିବା ପାଇଁ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ନିର୍ଦ୍ଦେଶ ଦେଇଥିଲେ । ପରେ ବହୁ ବିଦ୍ରୋହୀ ପୁନରାୟ ଏକଜୁଟ ହୋଇ ବିଦ୍ରୋହାଗ୍ନି ପ୍ରଜ୍ଜ୍ୱଳିତ କରିଥିଲେ । ଏହା ଥିଲା ୧୮୯୩ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସର କଥା । ସେହି ସମୟରେ ବହୁ ଭୂୟାଁ ସର୍ଦ୍ଦାର ଆତ୍ମସମର୍ପଣ କରିଥିଲେ ମଧ୍ୟ ଧରଣୀଧର ଓ ଅନ୍ୟ କେତେ ଜଣ ସହଯୋଗୀ ଆତ୍ମସମର୍ପଣ କରିନଥିଲେ । ଏହା ଥିଲା ତାଙ୍କର ମହାନତା । ସେମାନେ ହେଲେ ମୁକୁନ୍ଦ ମହାନାୟକ, କାଳିଆ ନାଏକ ଓ ବୁଲୁ ନାୟକ । ପରିଶେଷରେ ସେମାନଙ୍କୁ ଗିରଫ କରାଯାଇଥିଲା । ତା'ପରେ ଆରମ୍ଭ ହୋଇଥିଲା ବିଦ୍ରୋହୀମାନଙ୍କର ବିଚାରପର୍ବ । ବାରିପଦାଠାରେ ସେସନ୍ସ କୋର୍ଟ ଦ୍ୱାରା

ସେମାନଙ୍କର ବିଚାର ହୋଇଥିଲା । ତନ୍ମଧ୍ୟରୁ ୨୮ ଜଣ ବନ୍ଦୀଙ୍କୁ ଭିନ୍ନ ଭିନ୍ନ ସମୟ ଧରି କାରାଗାର ଦଣ୍ଡ ଦିଆଗଲା । ୪୦ ଜଣଙ୍କୁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ଦିଆଯାଉଥିଲା ।

ଧରଣୀଧରଙ୍କ ଜୀବନର ଅନ୍ତିମ ପର୍ବ :

ଧରଣୀଧରଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଦିଆଯାଇ କଟକ ଜେଲ୍‌ରେ ରଖାଯାଇଥିଲା । ୧୮୯୭ ଖ୍ରୀଷ୍ଟାବ୍ଦରେ ସେ ମୁକ୍ତ ହୋଇଥିଲେ । ମାତ୍ର କେନ୍ଦୁଝର ନ ଯାଇ ସେ କଟକରେ ରହିବେ ବୋଲି ଆଦେଶପ୍ରାପ୍ତ ହୋଇଥିଲା ।

୧୮୯୭ରେ ଧରଣୀଧର ଜେଲ୍‌ରୁ ମୁକ୍ତ ହେବା ପରେ ଏକ ସାଧୁର ଜୀବନ ଯାପନ କରିବା ପାଇଁ ଇଚ୍ଛା କରିଥିଲେ । ତାଙ୍କ ଜୀବନଦର୍ଶନରେ ଏକ ବିରାଟ ପରିବର୍ତ୍ତନ ଦେଖାଯାଉଥିଲା । ତେଣୁ ସେ ପୁରୀ ସମୁଦ୍ର ବେଳାରେ ଥିବା ବାଙ୍କୀ ମୁହାଣଠାରେ ତପସ୍ୟାରତ ହୋଇଥିଲେ । ସେଠାରେ ତାଙ୍କୁ ଗୋପବନ୍ଧୁ ଦାସ ଓ ନୀଳକଣ୍ଠ ଦାସ ସାକ୍ଷାତ କରିଥିବାର ଜଣାଯାଏ । ପୁରୀରୁ ୧୯୧୨ ମସିହାରେ ସେ ଯାଇଥିଲେ କଟକ ଜିଲ୍ଲାର ଆଳିକୁ । ସେଠାରେ ଏକ ନିଭୃତ ଅଞ୍ଚଳରେ ଏକ ମଠ ନିର୍ମାଣ କରି ମୃତ୍ୟୁ ପର୍ଯ୍ୟନ୍ତ ଏକନିଷ୍ଠ ସନ୍ୟାସ ଜୀବନଯାପନ କରିଥିଲେ । ଶେଷରେ ୧୯୧୪ ମସିହା ମେ ୧୬ ତାରିଖ ବୈଶାଖପୂର୍ଣ୍ଣିମା ଦିନ ସେହି ମହାନ ବିଦ୍ରୋହୀଙ୍କର ମହାନିର୍ବାଣ ଘଟିଥିଲା ।

ଆଜି ଏହି ମହାନ ଜନନାୟକଙ୍କ ସ୍ମୃତି ଓଡିଶାରେ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏବଂ ଆଦିବାସୀ ସମାଜରେ ମୁକ୍ତି ଚେତନାର ପ୍ରତୀକ ଭାବରେ ଚିର ବିଦ୍ୟମାନ ।